## ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା କୌଶଳ ପ୍ରଶିକ୍ଷଣ

ଅନୁଗୋଳ,୧୧ ।୧(ସମିସ): ସଡ଼କ ସୁରକ୍ଷା ମାସ-୨୦୨୫ ପାଳନ ଅବସରରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଚେତନତାମୂଳକ 'ସଡ଼କ ସୁରକ୍ଷା କୌଶଳ ଶିକ୍ଷା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। 'ସଡ଼କ ସୁରକ୍ଷା, ପରିବାର ସୁରକ୍ଷା' ଚଳିତ ବର୍ଷର ଏହି ସ୍ଲୋଗାନ ଦ୍ୱାରା ଜନଜାଗରଣ କରାଯାଇଛି।ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କନିଷ୍ଠ ମଟରଯାନ ନିରୀକ୍ଷକ ଦିବ୍ୟଜ୍ୟୋତି ମହନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୁର୍ଘଟଣା ପରବର୍ତ୍ତୀ ସୁରକ୍ଷା ଶିକ୍ଷା ସମ୍ପର୍କରେ ସଚେତନ କରାଯିବା ସହ ସଡ଼କ ସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ମାଷ୍ଟର ଟ୍ରେନର ଅଭିରାମ ଖୁଣ୍ଟିଆ, ପ୍ରତାପ ପରିଡ଼ା ସୁରକ୍ଷାର ବିଭିନ୍ନ ପ୍ରଣାଳୀ ସମ୍ପର୍କରେ ଭିଡିଓ ପ୍ରଦର୍ଶନ ସହ ବୁଝାଇଥିଲେ। ମହାବିଦ୍ୟାଳୟର ଏନସିସି, ଏନଏସଏସ ରୋଭର୍ସ ଓ ରେଞ୍ଜର୍ସ, ଯୁବ ରେଡ୍‌କ୍ରସ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆୟୋଜକଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ସ୍ୱାଇଁ, ଡ. ଶାଶ୍ୱତି ଶୁଭଦର୍ଶନୀ, ଡ. ପ୍ରଜ୍ଞା ପାଣି, ମଧୁସ୍ମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏନସିସି ଅଧ୍ୟାପକ କ୍ୟାପଟେନ ଡ. ଅଭିମନ୍ୟୁ ଦାସ କର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଳିକା ଆତ୍ମରକ୍ଷା କୌଶଳ ତାଲିମ

ବଁଅରପାଳ,୧୧ ।୧(ସମିସ): ତଳମୂଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର କଲେଜ ଅଧ୍ୟକ୍ଷ ଚୈତନ୍ୟ କୁମାର ସାହୁଙ୍କ ଦ୍ୱାରା ଗୁରୁବାର ଉଦଘାଟିତ ହୋଇଛି। କାର୍ଯ୍ୟକ୍ରମ ସଂଯୋଜିକା ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପିକା ତପସ୍ୱିନୀ ପାଣି ସ୍ୱାଗତଭାଷଣ ଦେବାସହ ବାଳିକା ଆତ୍ମରକ୍ଷା କୌଶଳ ଶିକ୍ଷାର ଉପାଦେୟତା ସମ୍ପର୍କରେ ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ପ୍ରଶିକ୍ଷିକା ମଧୁସ୍ମିତା ସାମଲ ଓ କଳ୍ପନା ସାମଲ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିଥିଲେ। କଳା ଓ ବିଜ୍ଞାନ ବିଭାଗର ମୋଟ ୧୨୫ ଛାତ୍ରୀ ତାଲିମ ଗ୍ରହଣ କରୁଛନ୍ତି। ଏହି ଶିବିର ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।

## ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ ଦାବି

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ତାଳଚେର,୧୧ ।୧(ସମିସ): ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ଆକ୍ରମଣ ଘଟଣା ବଢ଼ି ଚାଲିଛି। ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ପାଇଁ ତାଳଚେର କାର୍ଯ୍ୟରତ ସାମ୍ବାଦିକ ସମୂହ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି କାର୍ଯ୍ୟାଳୟ ପରିସରରେ



ପହଞ୍ଚିବା ପରେ ନାରାବାଜି ଦେଇଥିଲେ। ସାମ୍ବାଦିକମାନଙ୍କ ଉପରେ ହେଉଥିବା ଆକ୍ରମଣକୁ କିପରି ରୋକାଯାଇ ପାରିବ ସେ ନେଇ ଆଲୋଚନା କରିଥିଲେ। କିଛିଦିନ ତଳେ ଟିଟିଲାଗଡ଼ରେ କେତେଜଣ କାର୍ଯ୍ୟରତ ସାମ୍ବାଦିକଙ୍କୁ ବିଦ୍ୟୁତ୍ ବିଭାଗ ଅଧିକାରୀ ମାଡ଼ ମାରିବା ଘଟଣାକୁ ନିନ୍ଦା କରିବା ସହ ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ବିରଜା ଶଙ୍କର ମିଶ୍ର, ରବୀନ୍ଦ୍ରନାଥ ସେଠ, ସୌଭାଗ୍ୟ ମହାରଣା, ମଦନ ମୋହନ ସାହୁ, ସୌଭାଗ୍ୟ ନାୟକ, ଶିବପ୍ରସାଦ ବେହେରା, ଗିରୀଶଚନ୍ଦ୍ର ସାମଲ, ଆଦିତ୍ୟ ଦାସ, ସୟଦ ଜୁଲଫିକର ହୁସେନ, ବଜରଙ୍ଗ ଅଗ୍ରୱାଲା, ପ୍ରିୟମାଧବ ଦାସ, ବାପୁଜୀ ସାମଲ, ବିଜୟ ବେହେରା, ଗିରିଜା ନନ୍ଦନ ସାହୁ, ଦେବେନ୍ଦ୍ର ସାହୁ, ରାଜକିଶୋର ଭୂତିଆ, ମନିଲ ମହାରଣା, ବିକାଶ ସାହୁ, ସୁଶୀଲ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଗଜସାଥୀ ଓ ଗଜମିତ୍ରଙ୍କ ପ୍ରଶିକ୍ଷଣ ଶିବିର

କଣିହାଁ,୧୧ ।୧(ସମିସ): କଣିହାଁ ବନାଞ୍ଚଳ କାର୍ଯ୍ୟାଳୟରେ ଶୁକ୍ରବାର ଗଜସାଥୀ ଓ ଗଜମିତ୍ରଙ୍କ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ କଣିହାଁ ବନାଞ୍ଚଳ ଅଧୀନ ୩୦ ଗ୍ରାମରୁ ୧୫୦ ଗଜସାଥୀ ଓ ୨୦ ଗଜମିତ୍ରଙ୍କ ସମେତ ୩୩ ଜଣ ସ୍କ୍ୱାଡ୍ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷକ ଭାବେ ସହକାରୀ ବନ ସଂରକ୍ଷକ ନୀଳମଣି ଦେହୁରୀ, କୃଷ୍ଣଚନ୍ଦ୍ର ସାହୁ ସ୍ନେହା ଏନଜିଓର ଅରବିନ୍ଦ ମାଝୀ ଓ ପିପୁଲ୍ସ ଫର ଆନିମଲ ପକ୍ଷରୁ କୁନା ସାହୁ ପ୍ରମୁଖ ଯୋଗଦେଇଥିଲେ। ଜଙ୍ଗଲୀ ହାତୀଙ୍କ ଗତିବିଧି ଉପରେ ନଜର ରଖିବା ସହ କିପରି ସେମାନେ ଗ୍ରାମାଞ୍ଚଳରେ ପ୍ରବେଶ କରି ନ ପାରିବେ ସେ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

## ବଇଣ୍ଡା ଶିଶୁମନ୍ଦିରରେ ଶିଶୁ ଶିବିର

ବଇଣ୍ଡା,୧୧ ।୧(ସମିସ): କିଶୋରନଗର ବ୍ଲକ ବଇଣ୍ଡା ଶିଶୁମନ୍ଦିରରେ ଶନିବାର ଶିଶୁ ଶିବିର ଅନୁଷ୍ଠିତ ହୋଇଛି। ବଇଣ୍ଡା ସଙ୍କୁଳ ଶିଶୁବାଟିକା ପ୍ରମୁଖ ଅନ୍ନପୂର୍ଣ୍ଣା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିଶୁବାଟିକା ଆଚାର୍ଯ୍ୟ ନିର୍ମଳ କୁମାର ପ୍ରଧାନ ଯୋଗଦେଇ ପ୍ରାରମ୍ଭରୁ ଶିଶୁଙ୍କୁ ଭଲ ଶିକ୍ଷା ଦିଆଯାଉ ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟ ତଥା ସଙ୍କୁଳ ସଂଯୋଜକ ରବୀନ୍ଦ୍ରନାଥ ଜେନା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସୁମତିରାଣୀ ପ୍ରଧାନ ପ୍ରାତଃ ପର୍ଯ୍ୟାୟ ଶୈକ୍ଷିକ ପ୍ରମୁଖ ସମ୍ପର୍କରେ କହିଥିଲେ। ଶିଶୁମାନେ ବିଭିନ୍ନ ମହାପୁରୁଷ, ବୀରାଙ୍ଗନା ବେଶରେ ଆସିଥିଲେ।

### ଗୋପାଳପୁର ବିସ୍ଥାପନ ପରିବାର ତାଳିକାରେ ପ୍ରିୟାପ୍ରୀତି ଓ ଅନିୟମିତତା

# ଗ୍ରାମ ବାସିନ୍ଦା ନ ଥିବା ୨୦ ଜଣ ତାଲିକାଭୁକ୍ତ

ଅନୁଗୋଳ,୧୧ ।୧(ସମିସ): ଅନୁଗୋଳ ବ୍ଲକ୍ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ପରିସୀମା ଗୋପାଳପୁର ରାଜସ୍ୱ ଗ୍ରାମର ବିସ୍ଥାପନ ପରିବାର ତାଲିକା ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟରେ ଗ୍ରାମର ୩୬ ପରିବାରରୁ ୮୬ ଜଣ ବିସ୍ଥାପନ ପ୍ୟାକେଜ୍ ପାଇବାର ଏକ ତାଲିକା ପୁରୁଣାକୋଟ ପଞ୍ଚାୟତ କାର୍ଯ୍ୟାଳୟରେ ଟଙ୍ଗାଯାଇଛି। ତେବେ ସପକ୍ଷବାଦୀଙ୍କ ସଂଖ୍ୟା ବଢ଼ାଇବା ଏବଂ ପ୍ରିୟାପ୍ରୀତି ତୋଷଣ କରି ଗ୍ରାମର ବାସିନ୍ଦା ନ ଥିବା ୨୦ ଜଣଙ୍କୁ ତାଲିକାଭୁକ୍ତ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ରେକର୍ଡ ଜମି ଥିବା ଅସ୍ଥାୟୀ ଘର ଉପରେ ବାହର ବାସିନ୍ଦାଙ୍କୁ ବିସ୍ଥାପନ ପ୍ୟାକେଜ୍ ତାଲିକା କରାଯାଇଥିବା ଲିଖିତ ଅଭିଯୋଗ କରାଯାଇଛି। ଗୋପାଳପୁର ଗ୍ରାମର ଖାତା ନଂ ୨୨ ଓ ୨୩ର ପ୍ଲଟ୍ ଉପରେ ଅସ୍ଥାୟୀ ଭାବେ ରହୁଥିବା ୬ ଜଣ ବିସ୍ଥାପିତ ପ୍ୟାକେଜ୍ ତାଲିକାଭୁକ୍ତ ହୋଇଥିବା ଜମି ମାଲିକ ଲକ୍ଷ୍ମୀ ଦେବୀ, ମନୋଜ କୁମାର ଧର, ପ୍ରଦୀପ କୁମାର ଧର, ମାନସ ରଞ୍ଜନ ଧର ଲିଖିତ ଭାବେ ଅନୁଗୋଳ ତହସିଲଦାରଙ୍କୁ ଜଣାଇଛନ୍ତି। ଏପରିକି ଲକ୍ଷ୍ମୀ ଦେବୀଙ୍କ ସମେତ ତାଙ୍କ ପରିବାର ଲୋକେ ବେଆଇନ ଗ୍ରାମ ବିସ୍ଥାପନକୁ ବିରୋଧ କରି ଉଚ୍ଚ ନ୍ୟାୟଳୟ ଓ ମାନବ ଅଧିକାର କମିସନଙ୍କ ନିକଟରେ ମକଦ୍ଦମା କରିଥିବା ପ୍ରକାଶ କରିଛନ୍ତି।

ଅନୁରୂପ ଭାବେ ଗୋପାଳପୁର ଗ୍ରାମର ରାଧାକୃଷ୍ଣ ଠାକୁରାଣୀଙ୍କ ଜମି ଉପରେ ଅସ୍ଥାୟୀ ଭାବେ ରହିଥିବା ୫ ପରିବାର ୨୦ ଲକ୍ଷ ଟଙ୍କା ପ୍ୟାକେଜ୍ ପାଇବା ନେଇ ଏକପ୍ରକାର ଧରାଧରି କରି ତାଲିକାଭୁକ୍ତ ହୋଇଥିବା ପ୍ରକାଶିତ ତାଲିକାରୁ ଜଣାଯାଇଛି। ରାଧାକୃଷ୍ଣଙ୍କ ଜମିର ମାଫିତଦାର ପ୍ରଜା ବରୁଣ କୁମାର ବିଶୋଇ, ପ୍ରଫୁଲ୍ଲ କୁମାର ବିଶୋଇ ଏବଂ ଅନିଲ କୁମାର ବିଶୋଇ ଏହି ୫ ତାଲିକାଭୁକ୍ତ ପରିବାରକୁ ତାଲିକାରୁ ବାଦ୍ ଦେବା ପାଇଁ ଲିଖିତ ଭାବେ ତହସିଲଦାର ଓ ଜିଲ୍ଲା ପ୍ରଶାସନକୁ ଜଣାଇଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ, କଟରଙ୍ଗ ଓ ଟୁଲୁକା ଗ୍ରାମର ସ୍ଥାୟୀ ବାସିନ୍ଦା ଥିବା ୩୩ ପରିବାରକୁ ବନ ବିଭାଗ ବିସ୍ଥାପିତ ପରିବାର ତାଲିକାରୁ ବଞ୍ଚିତ କରିଛି। ଏହି ୩୩ ଜଣ ଜୀବନଜୀବିକା ପାଇଁ ବାହାରେ ଥିବାରୁ ବାଦ୍ ଦେଇଥିବା ବନ ବିଭାଗ ଯୁକ୍ତି କରୁଛି। ଅନ୍ୟପକ୍ଷରେ ଗୋପାଳପୁର ଗ୍ରାମରେ ୯ ଜଣ ଲୋକ ୩୦ ବର୍ଷ ହେଲା ଆଦୌ ରହୁ ନ ଥିବା ଏବଂ ୬ ମାସ ମଧ୍ୟରେ ଆଧାରକାର୍ଡ ପରିବର୍ତ୍ତନ କରି ତାଲିକାଭୁକ୍ତ ହୋଇଥିବା ଅଭିଯୋଗ ହୋଇଛି। ଏହି ୯ ଜଣଙ୍କ ତାଲିକା ଗ୍ରାମ ବିସ୍ଥାପନର ସପକ୍ଷବାଦୀଙ୍କ ଚାପରେ ତାଲିକାଭୁକ୍ତ କରଯାଇଥିବା ସାତକୋଶିଆ ଅଭୟାରଣ୍ୟ ଓ ପ୍ରଜା ସୁରକ୍ଷା ସମିତି ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି।

ସମିତି ସଭାପତି ତଥା ପୂର୍ବତନ ଅନୁଗୋଳ ବ୍ଲକ୍ ଅଧ୍ୟକ୍ଷ ନବକିଶୋର ବିଶୋଇ ଗ୍ରାମ ବିସ୍ଥାପନ ତାଲିକା ଆଇନ ଓ ନିୟମାବଳୀରେ ହେଉ ନ ଥିବା ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ବିସ୍ଥାପିତ ପରିବାର ତାଲିକା କେଉଁ ଆଇନ୍ ଓ ମାର୍ଗଦର୍ଶିକା ଏବଂ ନିୟମାବଳୀରେ ହେଉଛି ତାହାର କୌଣସି ସୂଚନା ଜିଲ୍ଲା ପ୍ରଶାସନ କିମ୍ବା ବନ ବିଭାଗ ସର୍ବସାଧାରଣଙ୍କୁ ଅବଗତ କରାଉନାହିଁ। ଫଳରେ ଟୁଲୁକା, କଟରଙ୍ଗ, ଅଶନବାହାଲ ଗ୍ରାମର ପ୍ରାୟ ୫୦ ପରିବାର କ୍ଷତିପୂରଣ ନ ପାଇ ନ୍ୟାୟାଳୟ ଓ ମାନବ ଅଧିକାର କମିସନଙ୍କ ନିକଟରେ ମକଦ୍ଦମା ରୁଜୁ କରିଛନ୍ତି।

ଟୁଲୁକା ଗ୍ରାମରେ ଗ୍ରାମ ବିସ୍ଥାପନକୁ ନେଇ ସପକ୍ଷବାଦୀ ଓ ବିପକ୍ଷବାଦୀ ଦୁଇଗୋଷ୍ଠୀ ଥିବାବେଳେ ସେଠାରେ ପଲ୍ଲୀସଭାରେ ଆଲୋଚନାର ରିଜୋଲ୍ୟୁସନ ନ ହୋଇ ଗ୍ରାମ ବିସ୍ଥାପନ କରାଯାଇଛି। ସପକ୍ଷବାଦୀଙ୍କ ସଂଖ୍ୟା ବଢ଼ାଇବା ଏବଂ ଲାଞ୍ଚ ମିଛ କାରବାର କରି ବନ ବିଭାଗ ୬ରୁ ଅଧିକ ନାବାଳକ ଓ ନାବାଳିକାଙ୍କ ବିସ୍ଥାପନ ପ୍ୟାକେଜ୍ ୨୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ପରେ ବନ ବିଭାଗ ନିଜକୁ ସୁରକ୍ଷିତ ରଖିବା ପାଇଁ ଟଙ୍କା ଫେରସ୍ତ ଆଣିଥିବା ଜଣାଯାଇଛି। ବନ ବିଭାଗ ବିସ୍ଥାପନ କାର୍ଯ୍ୟକ୍ରମର ଆଦୌ ସ୍ୱଚ୍ଛତା ରଖୁ ନ ଥିବା ବିଶୋଇ ଅଭିଯୋଗ କରିବା ସହ ହାଇକୋର୍ଟ ଓ ମାନବ ଅଧିକାର କମିଶନଙ୍କ ନିକଟରେ ମକଦ୍ଦମା କରିଥିବା ପ୍ରକାଶ କରିଛନ୍ତି। ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନ ଯୋଜନା ଏକ ସମ୍ପୂର୍ଣ୍ଣ ଗ୍ରାମ ବିସ୍ଥାପନ କାର୍ଯ୍ୟକ୍ରମ ଏବଂ ସମ୍ପୂର୍ଣ୍ଣ ଗ୍ରାମବାସୀ ଗ୍ରାମସଭାରେ ଇଚ୍ଛା ପ୍ରକାଶ କଲେ ଗ୍ରାମ ବିସ୍ଥାପନ ହୋଇପାରିବ। ମାତ୍ର ଗୋପାଳପୁର ଗ୍ରାମର ୨୮ ପରିବାରର ୮୦ ଜଣ ଗ୍ରାମ ବିସ୍ଥାପନକୁ ସମ୍ମତି ନ ଦେଇ ବିରୋଧ କରି ଆସୁଥିବାରୁ ଗ୍ରାମ ବିସ୍ଥାପନ ତାଲିକା ପ୍ରକାଶ ପାଇବା ଏକ ବେଆଇନ କାର୍ଯ୍ୟ ବୋଲି ଗୋପାଳପୁର ଗ୍ରାମର ଅମୀୟ ପୃଷ୍ଟି, ନରେନ୍ଦ୍ର ମହାକୁଡ଼, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ପ୍ରକାଶ କରିଛନ୍ତି। ଗୋପାଳପୁର ଗ୍ରାମରେ ଘର ନ ଥିବା ଜମି ନ ଥିବା ଏବଂ କେବଳ ଘରବାରି ଲିଜ୍‌ରେ ପାଇଥିବା ପରିବାରଗୁଡ଼ିକୁ ପ୍ରଲୋଭିତ କରି ଗ୍ରାମର ମୂଳପ୍ରଜା ଏବଂ ରେକର୍ଡଧାରୀ ପ୍ରଜାମାନଙ୍କୁ ବନ ବିଭାଗ ଅଣଦେଖା ସହ ଦମନ କରୁଥିବା ଅଭିଯୋଗ ହୋଇଛି। ଗୋପାଳପୁର ଗ୍ରାମରେ ପୁରୁଣାକୋଟ ଗ୍ରାମର ୭୦ରୁ ୮୦ ପ୍ରତିଶତ ଜମିଜମା ରେକର୍ଡଧାରୀ ପ୍ରଜା ରହିଛନ୍ତି। ଏହି ରେକର୍ଡଧାରୀ ପ୍ରଜା ପ୍ରାୟ ୧୫୦ ଏକରରୁ ଅଧିକ ଜମି ବିସ୍ଥାପନ ଯୋଜନାରେ ବନ ବିଭାଗକୁ ହସ୍ତାନ୍ତର ନ କରିବାକୁ ରୋକ୍‌ଠୋକ୍ ମନା କରିଥିବା ମନୋଜ ବିଶୋଇ, ଦିବାକର ବିଶୋଇ ପ୍ରକାଶ କରିଛନ୍ତି। ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରୁ ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନ ଯୋଜନାରେ ଦେଶର ଅନ୍ୟାନ୍ୟ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରୁ କୋର୍ ଏରିଆରୁ ହେଉଛି ଏବଂ ସମ୍ପୂର୍ଣ୍ଣ ଗ୍ରାମ ବିସ୍ଥାପନ ଆଇନ ଆଧାରରେ ହେଉଛି। ମାତ୍ର ସାତକୋଶିଆ ବନଖଣ୍ଡରେ ଗ୍ରାମବାସୀଙ୍କୁ ଦମନ କରାଯାଇ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ବାହାର ଗ୍ରାମରୁ ଏବଂ ଗ୍ରାମର ଅଧାଲୋକଙ୍କୁ ବେଆଇନ ଭାବେ ବାସଚ୍ୟୁତ କରାଯାଉଛି ବୋଲି ସମିତି ସଭାପତି ବିଶୋଇ ପ୍ରକାଶ କରିଛନ୍ତି।

- ପରିବାର ତାଲିକା ପ୍ରସ୍ତୁତିରେ ସରକାରୀ ଆଇନ ଓ ନିୟମକୁ ଉପେକ୍ଷା
- ବିସ୍ଥାପନକୁ ୬୬ ଜଣଙ୍କ ସମର୍ଥନ, ୮୦ ଜଣଙ୍କ ବିରୋଧ



## ନାଲକୋ ଶ୍ରମିକ ୟୁନିୟନ 'ନେପ୍ପୁ'ର ବୈଠକ

ନାଲକୋ ନଗର,୧୧ ।୧(ସମିସ): ନାଲକୋ ନିକଟ କୁରୁଡୋଲ ହନୁମାନ ବାଟିକାରେ ଶ୍ରମିକ ସଂଗଠନ 'ନେପ୍ପୁ'ର ବୈଠକ ଅନୁଷ୍ଠିତ ହୋଇଛି। ନେପୁର ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ ପାଲ, ପୂର୍ବତନ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ, ସମାଜସେବୀ ଡା. ଅବିନାଶ ସାମଲ, ହିନ୍ଦ୍ ମଜଦୁର ସଂଘ ଜିଲ୍ଲା ସାଧାରଣ ସମ୍ପାଦକ ପବିତ୍ର କୁମାର ବିଶ୍ୱାଳ, ଜିଲ୍ଲା ସଭାପତି ତ୍ରିଲୋଚନ ପ୍ରଧାନଙ୍କ ସମେତ ନେପୁର ପୂର୍ବତନ କର୍ମକର୍ତ୍ତା ଓ ସଂଗଠନ ସହ ଜଡ଼ିତ ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ।

ଆଗାମୀ ଦିନରେ ସଂଗଠନକୁ ସୁଦୃଢ଼ କରିବା ନେଇ ସଂଗଠନର ସଭାପତି ପ୍ରଧାନ ଆଶା ପ୍ରକଟ କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ଟ୍ରେଡ୍ ୟୁନିୟନ ନିର୍ବାଚନରେ ସଂଗଠନ କିଭଳି ପ୍ରଭାବଶାଳୀ ହେବ ଓ ପ୍ରତ୍ୟେକ ମାସରେ ବୈଠକ କରି କର୍ମଚାରୀଙ୍କ ସୁବିଧା ଅସୁବିଧାକୁ ଆଗକୁ ଆଣି ନାଲକୋ ପ୍ରଶାସନ ସମ୍ମୁଖରେ ରଖାଯାଇ ତାହାର ସମାଧାନ କରିହେବ ସେ ନେଇ ଆଲୋଚନା କରାଯାଇଥିଲା। ନାଲକୋ ପ୍ରଶାସନ ବିଭିନ୍ନ ଦୁର୍ନୀତିରୁ ଦୂରେଇ ରହିବା ପାଇଁ ପୂର୍ବତନ ସାଂସଦ ସାହୁ ବ୍ୟକ୍ତବ ମାଧ୍ୟମରେ ଚେତାବନୀ ଦେଇଥିଲେ। ପୂର୍ବତନ ଉପବାଚସ୍ପତି ତଥା ପୂର୍ବତନ ବିଧାୟକ ରଜନୀକାନ୍ତ ସିଂହ ନେପୁର ଜୟଯାତ୍ରାର ବିବରଣୀ ଦେଇ ସଂଗଠନ ଆରମ୍ଭରୁ ଆଜିପର୍ଯ୍ୟନ୍ତ କିଭଳି କାର୍ଯ୍ୟ କରୁଛି ଓ ଆଗାମୀ ଦିନରେ କ'ଣ ପଦକ୍ଷେପ ଗ୍ରହଣ କଲେ ସଂଗଠନ ସୁଦୃଢ଼ ହେବା ସହ ନାଲକୋ କର୍ମଚାରୀ ଓ ପାରିପାଶ୍ୱରିକ ଗ୍ରାମଗୁଡ଼ିକର ଉନ୍ନତି ହୋଇପାରିବ ସେ ଉପରେ ବକ୍ତବ୍ୟ ରଖିଥିଲେ। ପୂର୍ବତନ ପାଲଲହଡ଼ା ବିଧାୟକ ପାଲ ନାଲକୋରେ ନିଯୁକ୍ତ କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଦେବାକୁ ପରାମର୍ଶ ଦେଇଥିଲେ। ସମାଜସେବୀ ଡା. ସାମଲ ବିଭିନ୍ନ କଳକାରଖାନାରେ ସ୍ଥାନୀୟ ନିଯୁକ୍ତି, ପାରିପାର୍ଶିକ ଉନ୍ନତି, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ଉନ୍ନତିରେ କଳକାରଖାନାଗୁଡ଼ିକ ଭାଗୀଦାର ହୋଇ କାର୍ଯ୍ୟ କରନ୍ତୁ ନଚେତ୍ ଆଗାମୀ ଦିନରେ ଯୁବପିଢ଼ିଙ୍କ ଦ୍ୱାରା ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦେଇଥିଲେ।



## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବଇଣ୍ଡା,୧୧ ।୧(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ଗାଁ ବଇଣ୍ଡା ନିକଟ କରଡ଼ାବଣି ଗ୍ରାମର କୀର୍ତ୍ତନ ନାୟକ (୪୫)ଙ୍କ ଝୁଲନ୍ତା ମୃତଦେହକୁ ଶନିବାର ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି ହଣ୍ଡପା ଥାନା ପୁଲିସ। ପାରିବାରିକ କଳହରୁ କୀର୍ତ୍ତନ ବେକରେ ରଶି ଲଗାଇ ନିଜ ଘର ଅଗଣାରେ ଝୁଲିପଡ଼ି ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ମିଳିଥିବା ସୂଚନା ଅନୁଯାୟୀ କୀର୍ତ୍ତନ ଓ ତାଙ୍କ ସ୍ତ୍ରୀ କୁନ୍ତଳାଙ୍କ ମଧ୍ୟରେ ଶନିବାର ସକାଳେ ଝଗଡ଼ା ହୋଇଥିଲା। ଏନେଇ କୁନ୍ତଳା ଥାନାରେ ଅଭିଯୋଗ କରିବା ପାଇଁ ଯାଇଥିଲେ। ଏହି ସମୟରେ କୀର୍ତ୍ତନ ରଶିରେ ଝୁଲି ଆତ୍ମହତ୍ୟା କରିଥିଲେ। ଥାନା ଆଇଆଇସି ନମିତା ନାୟକ, ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ପତ୍ରି ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

## ଚାରିମଳିକକୁ ବ୍ଲକ୍ ମାନ୍ୟତା ଦାବି ଜୋର୍ ଧରିଲା



ବଇଣ୍ଡା,୧୧ ।୧(ସମିସ): ଅନୁଗୋଳ ଜିଲ୍ଲା ଚାରିମଳିକ ଅଞ୍ଚଳରେ ନୂଆ ବ୍ଲକ୍ ପ୍ରତିଷ୍ଠା କରିବା ପାଇଁ ପୁଣି ଦାବି ହୋଇଛି। ଏ ନେଇ ଶନିବାର ପାଇକସାହି କଲ୍ୟାଣ ମଣ୍ଡପ ନିକଟରେ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। କାଶୀ ବିଶ୍ୱନାଥ ମନ୍ଦିର ପରିଚାଳନା କମିଟି ସଭାପତି ବିବେକାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବଣପାହାଡ଼ ଘେରା ଅଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ଥିବା ୧୭ ପଞ୍ଚାୟତକୁ ନେଇ ନୂଆ ବ୍ଲକ୍ ଗଠନ ପାଇଁ ସରକାରଙ୍କ ନିକଟରେ ଦାବି କରାଯିବାକୁ ନିଷ୍ପତ୍ତି ହୋଇଛି। ଆଠମଲିକ ବ୍ଲକ୍ ତଥା ଠାକୁରଗଡ଼ ଥାନା ଅନ୍ତର୍ଗତ ମଇମୁରା, କନ୍ତପଡ଼ା, ଟାପଡୋଲ, ପାଇକସାହି, ସାପଘରା, ପେଡ଼ିପଥର, ସାନହୁଲା, କୁରୁମଟାପ, କୃତିବାସପୁର, ଆଦି ପଞ୍ଚାୟତ ସହ ଅନୁଗୋଳ ବ୍ଲକ୍ ତଥା ପୁରୁଣାକୋଟ ଥାନା ଅନ୍ତର୍ଗତ ଟିକରପଡ଼ା, ପୁରୁଣାକୋଟ, ଜଗନ୍ନାଥପୁର, ଟାଇଁସି, କୋଠଭୂଇଁ ଓ ଅନ୍ତୁଳିଆ ଆଦି ପଞ୍ଚାୟତର ମଧ୍ୟସ୍ଥଳରେ ନୂଆ ବ୍ଲକ୍ ଗଠନ ପ୍ରସ୍ତାବ ସରକାରଙ୍କୁ ଦିଆଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି ସମସ୍ତ ପଞ୍ଚାୟତରେ ବାସ କରୁଥିବା ଲୋକଙ୍କ ସାମାଜିକ ଚଳଣି, ଗମନାଗମନର ଦୂରତ୍ୱ ଓ ଅନ୍ୟାନ୍ୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂଆ ବ୍ଲକ୍ ଗଠନ କରାଗଲେ ପ୍ରଶାସନ ଲୋକଙ୍କ ନିକଟତର ହୋଇପାରିବ ବୋଲି ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଏହି ଦାବି ନେଇ ସମସ୍ତ ଅଞ୍ଚଳରେ ବୈଠକ କରାଯାଇ ଦାବିକୁ ଦୃଢ଼ତାର ସହ ଉପସ୍ଥାପନ କରାଯିବାକୁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ପାଇଁ ଆଲୋଚନା ହୋଇଥିଲା। ଏ ପରିକି ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ପ୍ରତିନିଧିମଣ୍ଡଳୀ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନ କରିବେ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପପୁ ପ୍ରଧାନ, ପ୍ରସନ୍ନ ବେହେରା, ସୁବଳ ବେହେରା, ବୀରବର ନାୟକ, କାଳିଆ ବେହେରା, ସୁବାସ ନାୟକ, ସୁବାଶିଷ ପ୍ରଧାନ, ଶୁଭେନ୍ଦୁ ଶେଖର ସାହୁ, ଦୁଷ୍ମନ୍ତ ଗଡ଼ତିଆ, ନିରାକାର ଗଡ଼ତିଆଙ୍କ ସମେତ ଅଞ୍ଚଳର ବହୁ ଜନସାଧାରଣ ଯୋଗଦେଇଥିଲେ।

**ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ଅଞ୍ଚଳବାସୀ**

# ତାଳଚେରରେ ମେଡିକାଲ୍ ପାଠପଢ଼ା କରିବାକୁ ଦାବିପତ୍ର

ତାଳଚେରସଦର,୧୧ ।୧(ସମିସ): ତାଳଚେରରେ ପ୍ରସ୍ତାବିତ ପବିତ୍ର ମୋହନ ମେଡିକାଲ୍ କଲେଜ୍‌ରେ ପାଠପଢ଼ା ଦାବିରେ ଶୁକ୍ରବାର ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ପ୍ରେସ୍ କ୍ଲବରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପରେ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରଛନ୍ତି। ତାଳଚେର ମେଡିକାଲ୍ କଲେଜରେ ୨୦୨୫-୨୬ ଶିକ୍ଷାବର୍ଷରୁ ପାଠପଢ଼ା ଆରମ୍ଭ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ତେବେ ହଠାତ୍ ଏହି ପାଠପଢ଼ା କାର୍ଯ୍ୟକ୍ରମ ଅନୁଗୋଳ ମେଡିକାଲରେ ଆରମ୍ଭ କରିବା ପାଇଁ ବର୍ତ୍ତମାନ ସରକାର ନିଷ୍ପତ୍ତି ନେଇଥିବାରୁ ଏହାକୁ ବିରୋଧ କରି ତାଳଚେରବାସୀ ଏହି ପାଠପଢ଼ା ତାଳଚେର ଠାରେ କରିବା ପାଇଁ ଦାବି କରିଛନ୍ତି। ତାଳଚେର ପବିତ୍ର ମୋହନ ମେଡିକାଲ କଲେଜରେ ୫୮ ଡାକ୍ତର, ପ୍ରଫେସର ଓ ବିଶେଷଜ୍ଞ ପଦବୀ ସୃଷ୍ଟିକରି ନାମକୁ ମାତ୍ର ୬ ଜଣ ଅନଭିଜ୍ଞ ଡାକ୍ତରଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ବର୍ତ୍ତମାନ ମେଡିକାଲରେ ଶହ ଶହ ରୋଗୀ ଚିକିତ୍ସିତ ହେଉଛନ୍ତି। ଏଠାରେ ସମସ୍ତ ୫୮ ଡାକ୍ତର, ପ୍ରଫେସର ଓ ବିଶେଷଜ୍ଞ ପଦବୀ ପୂରଣ, ପାଲଲହଡ଼ା, ଖମାର, କଣିହାଁ, ସମଲ, ଗୋଡ଼ିବନ୍ଧ, ତାଳଚେର ପ୍ରଭୃତି ଡାକ୍ତରଖାନାରୁ ରୋଗୀଙ୍କୁ ଅନୁଗୋଳ ପରିବର୍ତ୍ତେ ପବିତ୍ର ମୋହନ ମେଡିକାଲ କଲେଜକୁ ରେଫର କରିବା ପାଇଁ କ୍ରିୟାନୁଷ୍ଠାନ କମିଟି ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରିଛି। ଦେଶର ସବୁଠାରୁ ଅଧିକ ରାଜସ୍ୱ ଦେଇ ଅଧିକ ପ୍ରଦୂଷିତ ହୋଇଥିବା ତାଳଚେରବାସୀ ଆଜି ବିଭିନ୍ନ ମାରାତ୍ମକ ରୋଗରେ ଜର୍ଜରିତ ହେଉଥିବାବେଳେ ସର୍ବନିମ୍ନ ସ୍ୱାସ୍ଥ୍ୟ ସେବାରୁ ସ୍ଥାନୀୟ ଲୋକଙ୍କୁ ବଞ୍ଚିତ ନ କରି ତାଳଚେରରେ ମେଡିକାଲ କଲେଜର ପାଠପଢ଼ା ଓ ରୋଗୀସେବା କରିବା ପାଇଁ ଦାବି କରାଯାଇଛି। ଦାବିପତ୍ରର ନକଲ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ଢେଙ୍କାନାଳ ସାଂସଦ, ତାଳଚେର, ପାଲଲହଡ଼ା, ପରଜଙ୍ଗ ବିଧାୟକ, ରାଜ୍ୟ ସ୍ୱାସ୍ଥ୍ୟ ସଚିବ, ଜିଲ୍ଲାପାଳ, ଏସ୍‌ପିଙ୍କୁ ପ୍ରଦାନ କରିବା ପାଇଁ ଚୈତନ୍ୟ ପ୍ରଧାନ, ରଞ୍ଜିତ୍ ମହାପାତ୍ର, ନଖିଆ ସାହୁ, ଅଭୟ ପାଣି, ବିନୋଦ ଲାଲ, ପ୍ରଫୁଲ୍ଲ ନାଏକ, ସଂଗ୍ରାମ କୁଅଁର, ଭୂପେନ ଥମ୍ବ, ବାପି ମହାନ୍ତିଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଆଗାମୀ ଦିନରେ ସରକାର ଯଦି ତାଳଚେରର ନ୍ୟାଯ୍ୟ ଦାବି ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆବାହକ ପଦ୍ମଚରଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ସାଂସଦ ମହେଶ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ବେହେରା, ପୂର୍ବତନ ନଗରପାଳ କେଶବ ଭୂତିଆ, ଦିଗମ୍ବର ଗଡ଼ନାୟକ, ପ୍ରହ୍ଲାଦ ସାହୁ, ହରିହର ବେହେରା, ହାଡ଼ିବନ୍ଧୁ ବିଶ୍ୱାଳ, ଧ୍ରୁବଚରଣ ଧିର, ସୁକାନ୍ତ ଦାସ, କୈଳାସ ଚନ୍ଦ୍ର ସାହୁ, ଜେନାମଣି ନାଏକ, ଗଗନ ଦାସ, ଶୋଭାଗିନୀ ଦାସ, ବଳରାମ କୁଣ୍ଡ, ହରେକୃଷ୍ଣ ମହାପାତ୍ରଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇଥିଲେ।





# ଗଛରେ ଧକ୍କା ହେଲା ବାଇକ୍; ଯୁବକ ମୃତ

କାମାକ୍ଷାନଗର,୧୧ ।୧(ସମିସ): କଙ୍କଡାହାଡ଼ ଥାନା ରହଣି ଶିବମନ୍ଦିର ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ କାମାକ୍ଷାନଗର ଥାନା ଜଗନ୍ନାଥପୁର ଗ୍ରାମର ସୋମନାଥ ଭୂୟାଁ (୩୮) । ସୋମନାଥ ବାଇକ ଯୋଗେ ନିଜ ଗାଁରୁ ଟାଟା ମାଇନ୍ସ ଯାଉଥିବା ବେଳେ ଶିବମନ୍ଦିର ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ହୋଇଥିଲେ । ସେ ରାସ୍ତା କଡ଼ରେ ପଡ଼ିରହିଥିବା ବେଳେ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ପୁଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତଦନ୍ତ ଜାରି ରଖିଛି ।

# କପିଳାସ ମନ୍ଦିର ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

## ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ



ଢେଙ୍କାନାଳ,୧୧ ।୧(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସ ମନ୍ଦିରରେ ପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଜିଉଙ୍କ ଦର୍ଶନ କରିବା ସହ ମନ୍ଦିରର ଉନ୍ନତି, ସଂରକ୍ଷଣ ଓ ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ଯୋଜନା ପ୍ରସ୍ତୁତ କରିବାକୁ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ମନ୍ତ୍ରୀ ପ୍ରଧାନ କହିଛନ୍ତି ଯେ କପିଳାସ ମନ୍ଦିରରେ ପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଜିଉଙ୍କ ଆଶୀର୍ବାଦ ନେବା ମୋର ସୌଭାଗ୍ୟ । ଏହି ମନ୍ଦିର ଆସ୍ଥା, ଶ୍ରଦ୍ଧା ଓ ସମର୍ପଣର କେନ୍ଦ୍ର । ମନ୍ଦିର, ପର୍ବତ ଓ ଜଙ୍ଗଲ ଆମର ପୁଞ୍ଜି । ଏହାକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ମହାଦେବଙ୍କ ପାଖରେ ସମସ୍ତଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରୁଛି ବୋଲି ସେ କହିଥିଲେ ।

# ଚକ୍ଷୁ ଚିକିତ୍ସା ଶିବିର

ଗଁଦିଆ,୧୧ ।୧(ସମିସ): ଏଲଆଇସି ହୃଦୟ ଓ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି ଆନୁକୂଲ୍ୟରେ ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତ କାର୍ଯ୍ୟାଳୟରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ୭୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଢେଙ୍କାନାଳ ସାଇଶ୍ରୀ ଚକ୍ଷୁ ଚିକିତ୍ସାଳୟର ଡାକ୍ତର ଯୋଗଦେଇ ଲୋକଙ୍କ ଚକ୍ଷୁ ପରୀକ୍ଷା କରିବା ସହ ପରାମର୍ଶ ପ୍ରଦାନ କରିଥିଲେ ।

# ମହାବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଢେଙ୍କାନାଳ,୧୧ ।୧(ସମିସ): ସ୍ଥାନୀୟ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ୨ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ କ୍ରୀଡ଼ା ଉତ୍ସବକୁ ଉଦଘାଟନ କରିଥିଲେ । ଦୁଇଦିନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ସଟପୁଟ ଥ୍ରୋ, ଜାଭଲିନ ଥ୍ରୋ, ଡିସ୍କସ ଥ୍ରୋ, ରିଲେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଷ୍ଟାଫ କ୍ଲବ ତରଫରୁ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଆୟୋଜନ କରାଯିବା ସହ ମହିଳା କର୍ମଚାରୀଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ପ୍ରତିଯୋଗିତା ହୋଇଥିଲା । ଅଧ୍ୟକ୍ଷ ଡ. ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ବିଶ୍ୱ ଯୁବ ହେଭିୱେଟ୍ ଚାମ୍ପିଅନ ପ୍ରୀତିସ୍ମିତା ଭୋଇ ଯୋଗଦେଇ ଭାରୋତ୍ତଳନ କ୍ଷେତ୍ରରେ ତାଙ୍କ ସଫଳତା ବଖାଣିଥିଲେ । ସମ୍ମାନିତ ଅତିଥି ଭାବେ ପଦାର୍ଥ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଯୋଗଦେଇ ଆଜିର ଶ୍ରେଣୀଗୃହ ଶିକ୍ଷା ସହ କ୍ରୀଡ଼ା ପ୍ରତି ଆଗ୍ରହ ଦେଖେଇବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟ କ୍ରୀଡ଼ା ପରିଷଦର ଉପସଭାପତି ଡ. ରବର୍ଟ ୱିଲସନ ଭାତ୍ରା କ୍ରୀଡ଼ା ବାର୍ଷିକ ବିବରଣୀ ପାଠ କରିବା ସହିତ କ୍ରୀଡ଼ା କ୍ଷେତ୍ରରେ ମହାବିଦ୍ୟାଳୟ ହାସଲ କରିଥିବା ସଫଳତା ବର୍ଣ୍ଣନା କରିଥିଲେ । ଯୁକ୍ତ ୨ ବାଳକ ବର୍ଗରେ ସୁନ୍ଦର ମୋହନ ବକ୍ସି, ବାଳିକା ବର୍ଗରେ ଜିଜ୍ଞାସା ସାମଲ, ସ୍ନାତକ ଓ ସ୍ନାତକୋତ୍ତର ବାଳକ ବର୍ଗରେ ଯୁଗ୍ମ ଭାବେ ଅମନଦୀପ ସାମଲ ଓ ରାକେଶ ଓଝା, ବାଳିକା ବର୍ଗରେ ମଙ୍ଗୁଳି ମୁଣ୍ଡା ଚାମ୍ପିଅନ ହୋଇଥିଲେ । କ୍ରୀଡ଼ା ପରିଷଦ ସଦସ୍ୟ ଡ. ଶିବାନନ୍ଦ ସାହୁ, ଡ. ରିୟାଜତ୍ ଖାଦିମ୍, ସସ୍ମିତା ସାହୁ, କନକଲତା ସୋରେନ, ସସ୍ମିତା ପ୍ରଧାନ, ଶ୍ରୀୟାଶ୍ରୀ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ ।

# ଟାଟା ଷ୍ଟିଲ୍ କପିଳାସ ହାଫ୍ ମାରାଥନ୍ | ସାମିଲ ହେଲେ ୪୬୦୦ ପ୍ରତିଯୋଗୀ

ଢେଙ୍କାନାଳ,୧୧ ।୧(ସମିସ): ଟାଟା ଷ୍ଟିଲ୍ ପକ୍ଷରୁ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ଆଥଲେଟିକ ଆସୋସିଏସନ ସହଯୋଗରେ କପିଳାସଠାରେ ଟାଟା ଷ୍ଟିଲ୍ ହାଫ୍ ମାରାଥନ୍‌ର ୨ୟ ସଂସ୍କରଣ ଅନୁଷ୍ଠିତ ହୋଇଛି । କପିଳାସ ବନ୍ୟଜନ୍ତୁ ଅଭୟାରଣ୍ୟ ପାରିପାର୍ଶ୍ୱିକ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ସୁରକ୍ଷା

**ବନ୍ୟଜନ୍ତୁ ସୁରକ୍ଷା ସମ୍ପର୍କରେ ସଚେତନତା**

**ହରିୟାଣାର ଶୁଭମ ଓ ଭାରତୀ ବିଜେତା**







ନିମନ୍ତେ ଏହି ଗଣଦୌଡ଼ ଆୟୋଜନ କରାଯାଇଥିଲା । ଏଥିରେ ସମଗ୍ର ଦେଶରୁ ୪୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ । ଅନ୍ୟତମ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଢେଙ୍କାନାଳ ଜିଲ୍ଲାପାଳ ସୋମେଶ କୁମାର ଉପଧ୍ୟାୟ, ଏସ୍‌ପି ଅଭିନବ ସୋନକର, ବନଖଣ୍ଡ ଅଧିକାରୀ ସୁମିତ କର ପ୍ରମୁଖ ଯୋଗଦେଇଥିଲେ । ଟାଟା ଷ୍ଟିଲ୍ ଉପସଭାପତି ର'ମ୍ୟାଟେରିଆଲ ଡିବି ସୁନ୍ଦରମ, ଟାଟା ଷ୍ଟିଲ ମେରାମଣ୍ଡଳୀ ଉପସଭାପତି ଅପରେସନ୍ସ ଉତ୍ତମ ସିଂହ, ସନ୍ଦୀପ ଧୀର, ଟାଟା ଷ୍ଟିଲ ଟେକ୍ନିକାଲ ସରଭିସେସ ସିଇଓ ପ୍ରମୁଖ ଉପସ୍ଥିତ ଥିଲେ । ୨୧ କିମି ପୁରୁଷ ବର୍ଗରେ ହରିୟାଣାର ଶୁଭମ ସିନ୍ଧୁ ଓ ମହିଳା ବର୍ଗରେ ହରିୟାଣାର ଭାରତୀ ବିଜୟୀ ହୋଇଛନ୍ତି ।

ଆନ୍ତର୍ଜାତିକ ମାନଦଣ୍ଡ ପୂରଣ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ଟାଇମିଂ ମ୍ୟାଟ୍, ରେଡିଓ ଫ୍ରିକ୍ୱେନ୍ସି ଚିପ୍‌ସ, ସ୍ପ୍ଲିଟ୍ ଟାଇମିଂ ମ୍ୟାଟ୍, ଟ୍ରାକିଂ କ୍ୟାମେରା ଏବଂ ୱାଇ-ଫାଇ ନେଟୱାର୍କ ସମେତ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯାଇଥିଲା । ବିଶ୍ୱବ୍ୟାପୀ ମାରାଥନ୍ ଏବଂ ଦୂରଦୌଡ଼କୁ ପ୍ରତିନିଧିତ୍ୱ କରୁଥିବା ବିଶ୍ୱସ୍ତରୀୟ ଅନୁଷ୍ଠାନ ଆସୋସିଏସନ୍ ଅଫ୍ ଇଣ୍ଟରନ୍ୟାସନାଲ୍ ମାରାଥନ୍ ଆଣ୍ଡ ଡିଷ୍ଟାନ୍ସ ରେସ୍ ଏହି ମାର୍ଗକୁ ସାର୍ଟିଫିକେଟ୍ ପ୍ରଦାନ କରିଛି । ସମଗ୍ର ଦେଶରେ ସମାନ ଦୌଡ଼ ଆୟୋଜନ କରିବାରେ ପାରଦର୍ଶିତା ଥିବା ଜାତୀୟ ସ୍ତରର ଏଜେନ୍ସିଗୁଡ଼ିକ ଏହି ଦୌଡ଼ର ତଦାରଖ କରିଥିଲେ । ଏମଜିଏମ୍ ମିନେରାଲ୍ସ, ନଭ୍ ଲିମିଟେଡ୍, ଇଣ୍ଡିଆନ୍ ପୋଟାଶ, ଖେମକା ରିଫ୍ରାକ୍ଟୋରିଜ, ଆଇନକ୍ସ ଏୟାର ପ୍ରଡକ୍ଟସ, ଟାଟା ୧ଏମଜି, ଟାଟା ଷ୍ଟିଲ୍ ଟେକ୍ନିକାଲ୍ ସର୍ଭିସେସ୍ ଲିମିଟେଡ୍, ଟାଟା ଷ୍ଟିଲ୍ ସପୋର୍ଟ ସର୍ଭିସେସ୍ ଲିମିଟେଡ୍, ଟାଟା ଷ୍ଟିଲ୍ ୟୁଟିଲିଟି ଆଣ୍ଡ ଇନଫ୍ରାଷ୍ଟ୍ରକ୍‌ଚର ସର୍ଭିସେସ୍ ଲିମିଟେଡ୍ ଏବଂ ଟାଟା ପିଗମେଣ୍ଟ୍‌ସ ଭଳି ଏହି ଅଞ୍ଚଳର ଅନ୍ୟ ଶିଳ୍ପ ସଂସ୍ଥାଗୁଡ଼ିକ ହାଫ୍ ମାରାଥନକୁ ସମର୍ଥନ କରିଥିଲେ ।

# କିକ୍‌ବକ୍ସିଂରେ ହିନ୍ଦୋଳ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ



ଖଜୁରିଆକଟା,୧୧ ।୧(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଯାଜପୁର ନୃସିଂହ ଚୌଧୁରୀ କଲେଜରେ ଅନୁଷ୍ଠିତ ଆନ୍ତଃ ମହାବିଦ୍ୟାଳୟ କିକ୍‌ବକ୍ସିଂ ଚାମ୍ପିଅନସିପ୍‌ରେ ଖଜୁରିଆକଟାସ୍ଥିତ ହିନ୍ଦୋଳ କଲେଜର ୬ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଛନ୍ତି । ଯୁକ୍ତ୩ କଳା ତୃତୀୟ ବର୍ଷ ଛାତ୍ରୀ ସନ୍ଧ୍ୟାରାଣୀ ନାଠ ଓ ସୂଚୀସ୍ମିତା ସାମଲ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା ବେଳେ ଋତୁପର୍ଣ୍ଣା ମହାପାତ୍ର ଓ ସନ୍ତୋଷ ବେହେରା ରୌପ୍ୟ ପଦକ ହାସଲ କରିଛନ୍ତି । ଏହି ଉପଲକ୍ଷେ ମହାବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ଅଧ୍ୟକ୍ଷ ବିମଳ ପ୍ରଧାନ ବିଜେତାମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ କ୍ରୀଡ଼ା ପରିଷଦ ଉପସଭାପତି ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, କ୍ରୀଡ଼ା ଶିକ୍ଷକ ସତ୍ୟବ୍ରତ ଜେନାମଣିଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଆଗ୍ନେୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ | ଯୁବବର୍ଗ ଉପରେ କେନ୍ଦ୍ରମନ୍ତ୍ରୀଙ୍କ ଗୁରୁତ୍ୱ



ଢେଙ୍କାନାଳ,୧୧ ।୧(ସମିସ): ସ୍ଥାନୀୟ ମିନି ଷ୍ଟାଡିୟମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଜରଙ୍ଗ କ୍ଲବ୍ ପକ୍ଷରୁ ତିନିଦିନିଆ ବାର୍ଷିକୋତ୍ସବ ଆଗ୍ନେୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି । ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ପ୍ରଜାମଣ୍ଡଳ ଆନ୍ଦୋଳନଠାରୁ ଆରମ୍ଭ କରି ଢେଙ୍କାନାଳ ପ୍ରତି କ୍ଷେତ୍ରରେ ନେତୃତ୍ୱ ନେଇଛି ବୋଲି କହିଥିଲେ । ବୀର ବୈଷ୍ଣବ ପଟ୍ଟନାୟକ, ମୂଷା ମଲିକ, ସହିଦ ବାଜି ରାଉତ, ନନ୍ଦିନୀ ଶତପଥୀ ରାଜ୍ୟର ନେତୃତ୍ୱ ନେଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ରାଜା କାମାକ୍ଷାପ୍ରସାଦ ସିଂହଦେଓ ମନ୍ତ୍ରୀ ଭାବରେ ଭାରତର ବିକାଶରେ ସହାୟକ ହୋଇଥିଲେ । ୨୦୩୬ରେ ଓଡ଼ିଆ ଭାଷାଭିତ୍ତିକ ରାଜ୍ୟ ତା'ର ଶତବାର୍ଷିକୀ ପାଳନ କରିବାକୁ ଥିବାବେଳେ ବିକଶିତ ଭାରତ ଗଠନ ଆମ ସମସ୍ତଙ୍କ ଦାୟିତ୍ୱ । ଯୁବକଙ୍କୁ ସଠିକ ଦିଶା ଦେଖାଇଲେ ସମାଜର ଦ୍ରୁତ ବିକାଶ ହେବ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ରାଜ୍ୟ ଶିଳ୍ପ, ଦକ୍ଷତାବିକାଶ, ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କ୍ଲବକୁ ପ୍ରଶଂସା କରିବା ସହ ମହିମା ଧର୍ମର ମାଟିରେ ଭୀମ ଭୋଇଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ । ଜିଲ୍ଲାରେ ୧୨ହଜାର ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୃଷ୍ଟିହେବ ବୋଲି କହିଥିଲେ । ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ପ୍ରଜାମଣ୍ଡଳ ଆନ୍ଦୋଳନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏ ମାଟି ସମସ୍ତଙ୍କୁ ଗୌରବାନ୍ୱିତ କରିଛି ବୋଲି କହିଥିଲେ । ସାଂସଦ ରୁଦ୍ର ନାରାୟଣ ପାଣି ଯୁବବର୍ଗ ରାଷ୍ଟ୍ରବାଦରେ ସାମିଲ ହୁଅନ୍ତୁ ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।



ପ୍ରଖ୍ୟାତ ବଲିଉଡ୍ ସଙ୍ଗୀତ କଳାକାର ନକାସ ଅଜିଜ୍, ହ୍ରିତା ନାରାୟଣ, ପ୍ରିୟା ସିଂହଙ୍କ ସମେତ ଓଲିଉଡ୍‌ର ସିନେ କଳାକାର ଓ ସଙ୍ଗୀତ କଳାକାର ସମ୍ବିତ ଆଚାର୍ଯ୍ୟ, ପାଗା, ନିତ୍ୟାନା, ସୂର୍ଯ୍ୟମୟୀ, ଜ୍ୟୋତି ରଞ୍ଜନ, ବିଭୁ କିଶୋର, ସୁଜ୍ଞାନୀ ମହାପାତ୍ର, ସଚିନ୍ ରାଉତ, ଶୁଭାଶିଷ, ସମରେଶ, ଚୌଧୁରୀ ଜୟ ପ୍ରକାଶ, ଦୀପନ୍ୱିତ, ଶୁଭଶ୍ରୀ, ଶୁଭମ୍, ପ୍ରେରଣା, ଅଶ୍ୱିନୀ ପ୍ରମୁଖ କଳାକାର ଏହି ଷ୍ଟାର ନାଇଟ୍ କାର୍ଯ୍ୟକ୍ରମରେ ଯୋଗଦେଇ ରଙ୍ଗାରଙ୍ଗ ସଙ୍ଗୀତ, ନୃତ୍ୟ ଓ କମେଡି ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ ।

# କପିଳାସ ସୁରକ୍ଷା ପରିଷଦ ବୈଠକ | ଦାବିପତ୍ର ପ୍ରଦାନ, ସମାଧାନ ନ ହେଲେ ଆନ୍ଦୋଳନ

ଢେଙ୍କାନାଳ,୧୧ ।୧(ସମିସ): ଢେଙ୍କାନାଳ ତଥା ଓଡ଼ିଶା ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଓ ପର୍ଯ୍ୟଟନସ୍ଥଳୀ କପିଳାସର ବିଭିନ୍ନ ସମସ୍ୟା ସମାଧାନ ପାଇଁ କପିଳାସ ସୁରକ୍ଷା ପରିଷଦର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଛି । ୨୨ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ପ୍ରଦାନ କରାଯାଇଛି । ସମସ୍ୟାଗୁଡ଼ିକର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରିବାକୁ ପୂର୍ବତନ ଗନ୍ଦିଆ ବ୍ଲକ ଅଧ୍ୟକ୍ଷ ତଥା ପରିଷଦର କାର୍ଯ୍ୟକାରୀ ସଭାପତି ମଳୟ କୁମାର ସିଂହ, ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ନବୀନ ନନ୍ଦ ଚେତାବନୀ ଦେଇଛନ୍ତି ।

କପିଳାସକୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଯାତ୍ରୀଙ୍କ ପାଇଁ ପୀଠରେ ଅତି କମ୍‌ରେ ୨୦୦ ଯାତ୍ରୀଙ୍କ ପାଇଁ ବିଶ୍ରାମାଗାର, ପୀଠର ସିଂହଦ୍ୱାର ନିକଟରେ ଥିବା ଯାତ୍ରୀ ବିଶ୍ରାମାଗାରରେ ଏବେ ଦେବୋତ୍ତର ବିଭାଗ ଦ୍ୱାରା ନିଲାମପ୍ରାପ୍ତ ଜଣେ ସଇରାତଧାରୀ ଏକ ଅବଢ଼ା ହୋଟେଲ କରିଥିବାରୁ ସେହି ହୋଟେଲକୁ ଅନ୍ୟତ୍ର ସ୍ଥାନାନ୍ତର, ମନ୍ଦିର ରୋଷଘର ନିକଟ ସାତବଖରିଆ ଧର୍ମଶାଳାକୁ ଶ୍ରଦ୍ଧାଳୁଙ୍କ ପାଇଁ ଉନ୍ମୁକ୍ତ କରିବା ସହ ଗାଧୁଆ ଘର ଓ ପାଇଖାନାକୁ ସର୍ବସାଧାରଣ ଉପଯୋଗ କରିବାକୁ ଉନ୍ମୁକ୍ତ କରିବା ଆଦି ପ୍ରମୁଖ ଦାବି ରହିଛି । ସେହିପରି ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜିଉଙ୍କ ମୁଖ୍ୟ ମନ୍ଦିରର ଜଗମୋହନ ନିକଟରେ ଦେଖାଦେଇଥିବା ଫାଟର ତୁରନ୍ତ ମରାମତି, ମନ୍ଦିର ଚତୁଃପାର୍ଶ୍ୱ ବେଢ଼ାର ସୁରକ୍ଷା, ପାର୍ବତୀ ମନ୍ଦିରର ପୁନଃନିର୍ମାଣ, କପିଳାସ ପୀଠ ସ୍ଥାୟୀ ଅଧିକାରୀ ନିଯୁକ୍ତି ସହ ଜଣେ ପ୍ରଶାସନିକ ଅଧିକାରୀଙ୍କୁ ମନ୍ଦିର ପରିଚାଳନା ଦାୟିତ୍ୱ ପ୍ରଦାନ, ପୀଠରେ ପିଇବା ପାଣି, ଗାଧୁଆ ଘର, ଆଲୋକ ବ୍ୟବସ୍ଥା, ପାଇଖାନା ଓ ପରିମଳ ବ୍ୟବସ୍ଥା ତଦାରଖ ଓ ସୁପରିଚାଳନା ପାଇଁ ସ୍ୱତନ୍ତ୍ର କର୍ମଚାରୀ ଦେବୋତ୍ତର ବିଭାଗ ପକ୍ଷରୁ ନିଯୁକ୍ତି, ପୀଠର ଝରଣା ଜଳକୁ ସଂରକ୍ଷଣ ପାଇଁ ୧ ଲକ୍ଷ ଲିଟର କ୍ଷମତାସମ୍ପନ୍ନ ପାଣିଟାଙ୍କି ନିର୍ମାଣ, ପୀଠ ପାଦଦେଶରେ ଥିବା ପୁଲିସ ବିଟ୍ ହାଉସକୁ ପୀଠ ନିକଟକୁ ସ୍ଥାନାନ୍ତର, ପୁଲିସ ଫାଣ୍ଡି ପ୍ରତିଷ୍ଠା, କପିଳାସ ନିରୁପମା ହୋଟେଲ ପାଖରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମିତ ଗୋଷ୍ଠୀ କେନ୍ଦ୍ରକୁ ସର୍ବସାଧାରଣ ବ୍ୟବହାର ଉପଯୋଗୀ କରିବା, କପିଳାସ ଛକ ନିକଟରେ ଅର୍ଦ୍ଧନିର୍ମିତ ମଡେଲ ପାର୍କ ଓ ଜିମ୍ ସେଣ୍ଟରକୁ ପୂର୍ଣ୍ଣାଙ୍ଗ କରିବା, କପିଳାସ ପାଦଦେଶରେ ଥିବା ଚନ୍ଦ୍ରଶେଖରଜିଉଙ୍କ ୧୨୦୦ ଏକର କାଜୁ ଜଙ୍ଗଲ, ଜଳାଶୟ ଓ ତା' ଭିତରେ ଥିବା ଶ୍ୟାମଳୀ ଡାକବଙ୍ଗଳାର ପୁନରୁଦ୍ଧାର, ହରିଣ ପାର୍କ ଓ ହାତୀ ଉଦ୍ଧାର କେନ୍ଦ୍ର ପାଇଁ ଜଙ୍ଗଲ ବିଭାଗ ପ୍ରାୟ ୮୦ ଏକର ପରିମିତ ଚନ୍ଦ୍ରଶେଖରଜିଉଙ୍କ ଜମି ନେଇଥିବାରୁ ସେହି ପରିମାଣର ଜମି ଜଙ୍ଗଲ ବିଭାଗ କପିଳାସ ପୀଠ ଅଞ୍ଚଳରେ ବଦଳ ସୂତ୍ରରେ ପ୍ରଦାନ କରିବାକୁ ଦାବି କରାଯାଇଛି ।

୨୦୦୫ରେ ଚନ୍ଦ୍ରଶେଖରଜିଉଙ୍କର ଢେଙ୍କାନାଳ ସଦର ବ୍ଲକ ଦୁର୍ଗାପ୍ରସାଦ ଗ୍ରାମରେ ଥିବା ଜମି ୱାରି ଏନର୍ଜି ତରଫରୁ ଅଧିଗ୍ରହଣ କରାଯାଇଥିବା ବେଳେ ପରିବର୍ଦ୍ଧିତ ଦର ଧାର୍ଯ୍ୟ କରାଯାଇ କ୍ଷତିପୂରଣ ଟଙ୍କାକୁ ମନ୍ଦିର ଟ୍ରଷ୍ଟକୁ ପ୍ରଦାନ, ଚନ୍ଦ୍ରଶେଖରଜିଉଙ୍କ ପ୍ରାୟ ୬୦୦୦ ଏକରରୁ ଅଧିକ ଚାଷଜମିରୁ ଜବରଦଖଲ ଉଚ୍ଛେଦ ଓ ଖଜଣା ଆଦାୟ, ମଠ ମନ୍ଦିରର ସୁପରିଚାଳନା ପାଇଁ ପରାମର୍ଶଦାତା କାମଟି ପୁନର୍ଗଠନ, ଚନ୍ଦ୍ରଶେଖରଜିଉଙ୍କ ପୀଠ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆମିଷ ଭୋଜି ଓ ମଦ୍ୟପାନକୁ ସମ୍ପୂର୍ଣ୍ଣ ନିଷେଧ, ଉଜୁଡ଼ା କାଜୁ ଜଙ୍ଗଲରେ ପ୍ରଶାସନ ତରଫରୁ ଅନୁମତି ଦିଆଯାଇ ସେଠାରେ ଆବଶ୍ୟକ ସୁବିଧା ପଞ୍ଚାୟତ ତରଫରୁ ଯୋଗାଇ ଦେବା ପାଇଁ ବ୍ୟବସ୍ଥା, ସଇରାତଗୁଡ଼ିକ ନିଲାମ କରାଯାଇ ଅର୍ଥରେ ପୀଠର ସୌନ୍ଦର୍ଯ୍ୟ ବୃଦ୍ଧି, ପାର୍କିଂ ନାମରେ ଶୋଷଣ ବନ୍ଦ, ପରିମଳ ବ୍ୟବସ୍ଥାକୁ ସୁଦୃଢ଼, ନିୟୋଜିତ ସେବକ ଓ ସୁଆରମାନଙ୍କୁ ଦେବୋତ୍ତର ବିଭାଗ ତରଫରୁ ବୀମାଭୁକ୍ତ କରିବା, ଚନ୍ଦ୍ରଶେଖରଜିଉ କଳା ପରିଷଦ ପାଠାଗାରର ପୁନରୁଦ୍ଧାର, ପୀଠ ପରିସରରେ ଖରା ଦାଉରୁ ଯାତ୍ରୀମାନେ ରକ୍ଷା ପାଇବା ପାଇଁ ଫାଇବର ଛାତ ବନ୍ଦୋବସ୍ତ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଦାବିଗୁଡ଼ିକ ପ୍ରତି ଅଣଦେଖା କରାଗଲେ କପିଳାସ ପୀଠର ସୁରକ୍ଷା ଓ ସମ୍ମାନ ପାଇଁ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ବିଶ୍ୱପ୍ରସିଦ୍ଧ ମହିମା ଧର୍ମର ଆଦିପୀଠ ଯୋରନ୍ଦା | ଶୁଭିଲାନି ବିଶ୍ୱର ବୃହତ୍ତମ ଘଣ୍ଟିର ଶବ୍ଦ

ଢେଙ୍କାନାଳ,୧୧ ।୧(ସମିସ): ବିଶ୍ୱପ୍ରସିଦ୍ଧ ମହିମା ଧର୍ମର ସାଧୁ ସନ୍ନ୍ୟାସୀମାନଙ୍କ ପାଇଁ ଯୋରନ୍ଦା ମହିମା ଗାଦି ଆଦିପୀଠ ଭାବେ ପରିଚିତ । ଦେଶରେ ମହିମା ଧର୍ମର ସ୍ୱତନ୍ତ୍ର ପରିଚୟ ଥିବା ବେଳେ ପୀଠର ସୌନ୍ଦର୍ଯ୍ୟକରଣ ନିମନ୍ତେ ବିଭିନ୍ନ ସମୟରେ ଉଦ୍ୟମ କରାଯାଇଛି । ମାତ୍ର ଦୀର୍ଘ ୧୭ ବର୍ଷ ଧରି ଲଗାଯାଇଥିବା ୧୨ କ୍ୱିଣ୍ଟାଲ ଓଜନର

- **୧୭ ବର୍ଷ ଧରି ପଡ଼ିରହିଛି, ଲାଗିଲାଣି କଳଙ୍କି**
- **ବୈଷୟିକ ତ୍ରୁଟି ରହିଥିବା ଆଶଙ୍କା**

ଏକ ବୃହତ ଘଣ୍ଟି ନ ବାଜିବାରୁ ତାହା ଅବ୍ୟବହୃତ ହୋଇ ପଡ଼ିରହିଛି । ଏବେ ଘଣ୍ଟିରେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି ।

ଯୋରନ୍ଦାରେ ପ୍ରତିବର୍ଷ ମାଘ ମାସ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମାଘମେଳା ଅନୁଷ୍ଠିତ ହୋଇଥାଏ । ମହିମା ଧର୍ମାବଲମ୍ବୀ ଶ୍ରଦ୍ଧାଳୁଙ୍କ ପାଇଁ ୨୦୦୭ ଜାନୁଆରୀ ୩୧ରେ ପ୍ରାୟ ୫ଲକ୍ଷ ଟଙ୍କା ବ୍ୟୟରେ ଏକ ବିରାଟ ଘଣ୍ଟି ନିର୍ମାଣ କରାଯାଇଥିଲା । ଘଣ୍ଟିର ଓଜନ ପ୍ରାୟ ୧୧୫୦ କିଲୋଗ୍ରାମ ହୋଇଥିବା ବେଳେ କଂସା ପିତ୍ତଳରେ ନିର୍ମିତ ଏହି ଘଣ୍ଟିର ଆକାର ପ୍ରାୟ ୧୨ବର୍ଗ ମିଟର ହେବ । ୨୦୦୬ ଡିସେମ୍ବର ୧୬ରେ ନୟାଗଡ଼ କଣ୍ଟିଲୋର ୧୭ଜଣ କାରିଗର ମହିମା ଧାମରେ ଢଳେଇ କରି ଏହି ଘଣ୍ଟି ନିର୍ମାଣ କରିଥିଲେ । କିନ୍ତୁ ଘଣ୍ଟି ଲଗାଯିବା ପରେ ତାହା ବାଜି ନ ଥିଲା । ଗାଦିମନ୍ଦିରର ତୃତୀୟ ବେଢାରେ ଥିବା ଏହି ଘଣ୍ଟି ପ୍ରଭୁଙ୍କୁ ସମର୍ପଣ ପରେ ନ ବାଜିବାରୁ ଭକ୍ତମାନେ ନିରାଶ ହୋଇଥିଲେ । ଘଣ୍ଟି ନିର୍ମାଣରେ କୌଣସି ବୈଷୟିକ ତ୍ରୁଟି ଯୋଗୁ ବାଜିଲା ନାହିଁ ବୋଲି କୁହାଯାଉଥିବା ବେଳେ ଏହା ଅଶୁଭ ସମୟରେ ସମର୍ପଣ କରାଯାଇଥିବାରୁ ବାଜିଲା ନାହିଁ ବୋଲି ମଧ୍ୟ କୁହାଯାଉଛି । ବିଶ୍ୱର ଏହା ବୃହତ୍ତମ ଘଣ୍ଟି ବୋଲି କୁହାଯାଉଥିବା ବେଳେ ଏହା ବାଜିଥିଲେ ୨୫ କିଲୋମିଟର ପର୍ଯ୍ୟନ୍ତ ଧ୍ୱନି ଶୁଣାଯିବାର ଥିଲା । ତେବେ ଏଭଳି ଏକ ବିରାଟ ଘଣ୍ଟି ନିର୍ମାଣ ପରେ ଦୀର୍ଘ ୧୭ ବର୍ଷ ଧରି ସେମିତି ପଡ଼ିରହିଛି । ଘଣ୍ଟିରୁ ଶବ୍ଦ ନ ବାହାରିବାର କାରଣ ଖୋଜିବାକୁ ମଧ୍ୟ କୌଣସି ତତ୍ପରତା ପ୍ରକାଶ ପାଉନାହିଁ । ଏହି ଘଣ୍ଟିକୁ ପୁଣି ଥରେ ପ୍ରସ୍ତୁତ କରି ସ୍ଥାପନ କରିବାକୁ ଦାବି ହୋଇଛି । ଆଗକୁ ମାଘ ମାସ ଏବଂ ଯୋରନ୍ଦା ମେଳା ଥିବାରୁ ଏହା ପୂର୍ବରୁ ପୁଣି ଥରେ ରାଜ୍ୟରେ ଥିବା ପ୍ରସିଦ୍ଧ ଧ୍ୱନିବିଜ୍ଞାନୀଙ୍କ ସହାୟତାରେ ଏହାକୁ କାର୍ଯ୍ୟକ୍ଷମ କରିବାକୁ ମହିମା ଧର୍ମର ଉପାସକମାନେ ଦାବି କରିଛନ୍ତି ।





୨୦୦୭ ଜାନୁଆରୀ ୩୧ ମାଘ ଚତୁର୍ଦ୍ଦଶୀ ବ୍ରାହ୍ମ ମୁହୂର୍ତ୍ତରେ ୫ଲକ୍ଷ ଟଙ୍କା ବ୍ୟୟରେ ବଳ୍କଳଧାରୀ ମହିମା ସମାଜ ପକ୍ଷରୁ କଂସା ଓ ପିତ୍ତଳରେ ନିର୍ମିତ ପ୍ରାୟ ୧୨ କ୍ୱିଣ୍ଟାଲ ଓଜନର ବୃହତ୍ ଘଣ୍ଟି ଏଯାବତ୍ ଦୀର୍ଘ ୧୭ ବର୍ଷ ହେବ ଅବହେଳିତ ହୋଇ ପଡ଼ିରହିଛି । ୨୦୦୬ ଡିସେମ୍ବର ୧୬ରେ କଣ୍ଟିଲୋର ୧୭ କାରିଗର ଦୀର୍ଘ ୬ଘଣ୍ଟା ଧରି ଏହି ଘଣ୍ଟିର ଢଳେଇ ପକାଇଥିଲେ । ରାଜ୍ୟର ନାମକରା ଧାତୁ ବିଜ୍ଞାନୀଙ୍କ ସହଯୋଗରେ ଏହାର ନାଦ ଉତ୍ପନ୍ନ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ଆବଶ୍ୟକ ।

**ପ୍ରଦ୍ୟୁମ୍ନ ରଥ,**
**ସକ୍ରିୟ ନାଗରିକ ପରିଷଦ ସଭାପତି**



## ଅଭିଭାବକ-ଶିକ୍ଷକ ବୈଠକ



ଗଁଦିଆ, ୧୧।୧(ସମିସ): ଢେଙ୍କାନାଳ ଶିକ୍ଷା ଜିଲ୍ଲା ଅନ୍ତର୍ଗତ ଖଙ୍କିରା ସରକାରୀ ଉଚ୍ଚ ବିଦ୍ୟାଳୟରେ ୪ର୍ଥ ଅଭିଭାବକ-ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପ୍ରଧାନଶିକ୍ଷୟିତ୍ରୀ ସୁମତି ନାଏକ, ସିଆର୍‌ସିସି ବୈକୁଣ୍ଠ ସେଠୀ, ଶିକ୍ଷକ ଶିବଶମ୍ଭୁ ଜେନା, ପୀତାମ୍ବର ଦଳାଇ, ଶିକ୍ଷୟିତ୍ରୀ ଅଞ୍ଜଳି ବ୍ରହ୍ମ, ସୁମିତ୍ରା ରାଉଳ, ସଂଘମିତ୍ରା ସାମଲ, ଆହୁତି ପଣ୍ଡିତ, ଇପ୍ସିତା ସାହୁ ସମେତ ପରିଚାଳନା କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଓ ବହୁ ଅଭିଭାବକ ଯୋଗଦେଇଥିଲେ। ଅପାର ଆଇଡି ବିଷୟରେ ଆଲୋଚନା ସହ ସମାପ୍ତି ସୂଚକ ଆକଳନ ଓ ଅଭିଭାବକଙ୍କ ମତାମତ, ପରୀକ୍ଷା ସମ୍ବନ୍ଧୀୟ ଯତ୍ନବାନ, ମାନସିକ ଚାପରୁ ମୁକ୍ତି, ପିଲାଙ୍କ ସହ ଅଭିଭାବକ ସମୟ କଟାଇବା, ବିଦ୍ୟାଳୟ ବାହାରେ ଥିବା ୬ରୁ ୧୪ ବର୍ଷ ପିଲାଙ୍କ ନାମ ଲିଖନ, ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇବା, ପରୀକ୍ଷା ପେ ଚର୍ଚ୍ଚାରେ ଛାତ୍ରଛାତ୍ରୀ ଅଭିଭାବକ ପଞ୍ଜୀକରଣ, ବିଦ୍ୟାଳୟ ବିକାଶ ଯୋଜନା, ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଅଭିଭାବକଙ୍କଠାରୁ ଗଠନମୂଳକ ପ୍ରସ୍ତାବ ଗ୍ରହଣ ଆଦି କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟରେ ୨ ପିଅନ ଓ କିରାଣି ପଦବୀ ସହ ପ୍ରାଥମିକ ଶିକ୍ଷକ ପଦବୀ ବିଷୟରେ ଶିକ୍ଷା ସମାଜସେବୀ ଅଶୋକ ପତି ଆଲୋଚନା କରିଥିଲେ। ୯ମ ଓ ୧୦ମ ଛାତ୍ରଛାତ୍ରୀଙ୍କୁ କେବେ ପୋଷାକ ମିଳିବ ବୋଲି ସୂଚନା ଦିଆଯାଇଥିଲା।

## ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ବୈଠକ



ଢେଙ୍କାନାଳ, ୧୧।୧(ସମିସ): ସ୍ଥାନୀୟ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଶତାଧିକ ଅଭିଭାବକ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷଣ କାର୍ଯ୍ୟ, ପରିବେଶ ଓ ନୂତନ ଗୃହ ନିର୍ମାଣ ନିମନ୍ତେ ଆଲୋଚନା ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀ ବିଗତ ଦିନରେ ନିଆଯାଇଥିବା ଅନେକ ଉନ୍ନୟନମୂଳକ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ବିଦ୍ୟାଳୟ ପରିଚାଳନା ସଭାପତି ପ୍ରଦୀପ କୁମାର ମହାପାତ୍ର ଆଗାମୀ ଦିନରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ମାର୍ଗଦର୍ଶନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଶର୍ମିଷ୍ଠା, ରାନୁ ଦାସ, କନ୍ୟା କୁମାରୀ ଭୁତିଆ, ସୁଲୋଚନା ଭୁତିଆ ପ୍ରମୁଖ ଗୁଣାତ୍ମକ ଶିକ୍ଷା, ମଧ୍ୟାହ୍ନଭୋଜନ, ପିଲାମାନଙ୍କ ମଧ୍ୟରେ ନୈତିକ ଚରିତ୍ର ଗଠନ ନିମନ୍ତେ ନିଜ ଆଭିମୁଖ୍ୟ ପ୍ରକାଶ କରିଥିଲେ। ଶିକ୍ଷୟିତ୍ରୀ ସାଗରିକା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟରେ ଜେଜେବାପା, ଜେଜେମା' ସମ୍ମିଳନୀ

ଢେଙ୍କାନାଳ, ୧୧।୧(ସମିସ): ସ୍ଥାନୀୟ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଜେଜେବାପା, ଜେଜେମା' ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଶିଶିର କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଜୀବନ ଗଠନରେ ଜେଜେବାବା ଓ ଜେଜେମା'ମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୮୦ଜଣ ଜେଜେବାପା ଓ ଜେଜେମା' ସେମାନଙ୍କ ନାତିନାତୁଣୀଙ୍କ ସହ ଯୋଗଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଶିକ୍ଷୟିତ୍ରୀ ମନସ୍ୱିନୀ ଦାଶ ଓ ଶିକ୍ଷକ ଗୁରୁଦେବ ପାଣ୍ଡେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଲବାଟିକା ଶିକ୍ଷାର୍ଥୀଙ୍କ ଦ୍ୱାରା ପରିବେଷିତ ଚିତ୍ତାକର୍ଷକ ନୃତ୍ୟ ଓ ପ୍ରାଥମିକ ଶ୍ରେଣୀ ଶିକ୍ଷାର୍ଥୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କୃତୀ ଜେଜେବାପା ଓ ଜେଜେମା'ମାନଙ୍କୁ ପୁରସ୍କୃତ କରାଯିବା ସହ ସଙ୍ଗୀତର ତାଳେ ତାଳେ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୪ର୍ଥ ଶ୍ରେଣୀ ଛାତ୍ର ଜଗଦୀଶ ବିନ୍ଧାଣୀଙ୍କ ଜେଜେବାପା କାଳୀଚରଣ ବିନ୍ଧାଣୀଙ୍କ ନାଟକୀୟ ଉପସ୍ଥାପନା ଓ ମତାମତ ସମସ୍ତଙ୍କ ମନୋରଞ୍ଜନ କରିଥିଲା। ଶୁଭ୍ରଜ୍ୟୋତି ରାଉତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଇତିଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋକତୁଙ୍ଗା କୃଷି ସମବାୟ ସମିତିରେ ଅନିୟମିତତା

ଅନୁଗୋଳ, ୧୧।୧(ସମିସ):

ଅନୁଗୋଳ ବ୍ଲକ ପୋକତୁଙ୍ଗା କୃଷି ସମବାୟ ସମିତିରୁ ୭ ନିର୍ଦ୍ଦେଶକ ସମୂହ ଇସ୍ତଫା ଦେଇଛନ୍ତି। ସମିତି ସମ୍ପାଦକଙ୍କ ବେଆଇନ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ସେମାନେ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି। ଫଳରେ ସମିତିର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଅନ୍ୟପଟେ ସମବାୟ କର୍ତ୍ତୃପକ୍ଷ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀମାନଙ୍କର କୌଣସି ଅସୁବିଧା ନ ହେବା ପାଇଁ ସମିତିରେ ଅନ୍ୟ ଜଣେ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି।



ଅନୁଗୋଳ ବ୍ଲକ ପୋକତୁଙ୍ଗା ପଞ୍ଚାୟତ ପୋକତୁଙ୍ଗା କୃଷି ସମବାୟ ସମିତି ଅଧୀନରେ ରହିଛି ପୋକତୁଙ୍ଗା, ନନ୍ଦପୁର ଓ ଧୋକୁଟା ପଞ୍ଚାୟତ। ଏହି ସବୁ ପଞ୍ଚାୟତରେ ୯୦ ପ୍ରତିଶତ ଲୋକ ଚାଷୀ ଅଟନ୍ତି। ତେଣୁ ସମବାୟ ସମିତି ସେମାନଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଧାନ ବିକ୍ରି, ବିହନ, ସାର, ଔଷଧ କ୍ରୟ, ଟଙ୍କା ଜମା ଏବଂ ଋଣ ନେବା ଆଦି କାମ ପାଇଁ ଚାଷୀମାନେ ସମବାୟ ସମିତି ଉପରେ ନିର୍ଭର କରନ୍ତି। ଚଳିତ ବର୍ଷ ୩୯୨ ଚାଷୀ ସେମାନଙ୍କ ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଛନ୍ତି। ସମିତିରେ ୩ ପଞ୍ଚାୟତରୁ ୩୭୦୨ ଚାଷୀ ସଭ୍ୟ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୮୧୮ ଚାଷୀ ସମବାୟ ଋଣ ନେଇଛନ୍ତି। ଏହି ସମିତିରେ ୭୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୬୦ ଗୋଷ୍ଠୀ ଋଣ ନେଇ ବିଭିନ୍ନ କାର୍ଯ୍ୟ କରୁଛନ୍ତି। ସମିତିରେ ବାର୍ଷିକ ସାଢ଼େ ୩କୋଟି ଟଙ୍କା କାରବାର ହୁଏ। ସମିତି ପରିଚାଳନା ପାଇଁ ଏକ ନିର୍ବାଚିତ କମିଟି ଅଛି। ସଭାପତି ଏବଂ ନିର୍ଦ୍ଦେଶକମାନେ କମିଟିର ମୁଖ୍ୟ। କିନ୍ତୁ ସମ୍ପାଦକଙ୍କ ଦ୍ୱାରା ସମସ୍ତ କାମ କରାଯାଏ। ଚାଷୀମାନଙ୍କ ଉନ୍ନତି ପାଇଁ ଏହି କମିଟି ସବୁବେଳେ କାମ କରେ।

**ତଦନ୍ତ ନିର୍ଦ୍ଦେଶ ଦେଲେ ବିଭାଗୀୟ କର୍ତ୍ତୃପକ୍ଷ**

ପୋକତୁଙ୍ଗା ସମବାୟ ସମିତିରେ ୧୫ ନିର୍ଦ୍ଦେଶକ ନିର୍ବାଚିତ ହୋଇଥିଲେ ମଧ୍ୟ କିଛିଦିନ ପୂର୍ବେ ୭ଜଣ ଇସ୍ତଫା ଦେଇଛନ୍ତି। ସମ୍ପାଦକ ବେଆଇନ କାମ କରୁଥିବା ବେଳେ ସଭା ସମିତି ଓ ଅନ୍ୟାନ୍ୟ କାମରେ ନିର୍ଦ୍ଦେଶକମାନଙ୍କୁ ସାମିଲ କରାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ସେମାନେ ବାଧହୋଇ ଇସ୍ତଫା ଦେଇଥିବା କହିଛନ୍ତି। ଗୋଟିଏ ଦିନରେ ୭ ନିର୍ଦ୍ଦେଶକ ଇସ୍ତଫା ଦେବାରୁ ସମିତିରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ଆଗକୁ ଧାନ କିଣାହେବ। ତେଣୁ ଚାଷୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେବେ। ଏହାକୁ ଦୃଷ୍ଟିରେ ରଖି ସମବାୟ କର୍ତ୍ତୃପକ୍ଷ ଆଉ ଜଣେ କର୍ମଚାରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ତେବେ ସମିତିର ସମ୍ପାଦକ କହିଛନ୍ତି, ସେ ସେଭଳି କିଛି ବେଆଇନ କାର୍ଯ୍ୟ କରିନାହାନ୍ତି। ଆବଶ୍ୟକ କର୍ମଚାରୀ ଅଭାବରୁ କେବଳ ହିସାବ କିତାବ ରେକର୍ଡକୁ ସଠିକ ସମୟରେ ଶେଷ କରିପାରିନାହାନ୍ତି। ଏ ନେଇ ସମବାୟ ସମିତିର ସହକାରୀ ନିବନ୍ଧକ ନିରଞ୍ଜନ ସେଠ କହିଛନ୍ତି, ପୋକତୁଙ୍ଗା ସମବାୟ ସମିତିର ସମ୍ପାଦକଙ୍କ ବେଆଇନ କାର୍ଯ୍ୟକଳାପ ଅଭିଯୋଗ ପାଇବା ପରେ ଏହାର ତଦନ୍ତ ଚାଲିଛି। ସମ୍ପାଦକଙ୍କଠାରୁ ଆର୍ଥିକ କ୍ଷମତା ବାହାର କରି ଦିଆଯାଇଛି। ଆଉ ଜଣେ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ତଦନ୍ତ ଶେଷ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। କେବଳ ପୋକତୁଙ୍ଗା ସମବାୟ ସମିତି ନୁହେଁ, ଜିଲ୍ଲାରେ ଥିବା ବହୁ ସମବାୟ ସମିତିରେ ଏଭଳି ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଉକ୍ତ କର୍ତ୍ତୃପକ୍ଷ ଏଥିପ୍ରତି କଡ଼ା ନଜର ଦେବାକୁ ଦାବି ହେଉଛି।

## ମହିଳା ମହାବିଦ୍ୟାଳୟର 'ସୁବର୍ଣ୍ଣ ଜୟନ୍ତୀ' କ୍ରୀଡ଼ାଉତ୍ସବ

# ପୂଜା ନାୟକ ଚାମ୍ପିଅନ

ଢେଙ୍କାନାଳ, ୧୧।୧(ସମିସ): ସ୍ଥାନୀୟ ଢେଙ୍କାନାଳ ମହିଳା ମହାବିଦ୍ୟାଳର ସୁବର୍ଣ୍ଣ ଜୟନ୍ତୀ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି। ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନା କ୍ରୀଡ଼ା ସମ୍ପର୍କରେ ଛାତ୍ରୀମାନଙ୍କୁ ବହୁ ମୂଲ୍ୟବାନ ବାର୍ତ୍ତା ପ୍ରଦାନ କରି ଉତ୍ସାହିତ କରିଥିଲେ। ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ, ସମ୍ମାନିତ ଅତିଥି ଭାବେ ଜିବି ମହାବିଦ୍ୟାଳୟର ସଭାପତି ଉପେନ୍ଦ୍ର କୁମାର ରାଉତ, ଛାତ୍ରୀମାନଙ୍କ ପାଇଁ ପ୍ରେରଣା ପର୍ବତାରୋହିଣୀ ବିଭାରଣୀ ପାତ୍ର ଓ ଇଞ୍ଜିନିୟର ସୌମ୍ୟବ୍ରତ ସାହୁ ଯୋଗଦେଇଥିଲେ।



କ୍ରୀଡ଼ା ପ୍ରତିଯୋଗିତାରେ ଯୁକ୍ତ୩ ଦ୍ୱିତୀୟ ବର୍ଷ ଓଡ଼ିଆ ବିଭାଗ ଛାତ୍ରୀ ପୂଜା ନାୟକ ଚାମ୍ପିଅନ ହୋଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଉଦ୍ଧବ ମଲ୍ଲିକ, ପଙ୍କଜ ବାରିକ, ତାପସ କୁମାର ଜେନା, ଡ. ଅନିତା ବେହେରା, ଡ. ଯଯାତି କିଶୋର ପ୍ରଧାନ, ଲୀନା ଗନ୍ତାୟତ, କ୍ରୀଡ଼ା ଶିକ୍ଷକ ମନ୍ଦରଧର ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ଅଷ୍ଟପ୍ରହର କମିଟି ସଭ୍ୟଙ୍କ ପରଲୋକ

କିଶୋରନଗର, ୧୧।୧(ସମିସ): କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ କସ୍ତୁରୀବାହାଳ ଗ୍ରାମ ବାସିନ୍ଦା ତଥା ଗ୍ରାମ ଅଷ୍ଟପ୍ରହର କମିଟିର ସକ୍ରିୟ ସଭ୍ୟ ସଞ୍ଜିତ ରଣା (୩୮)ଙ୍କର ଶୁକ୍ରବାର ରାତିରେ ପରଲୋକ ଘଟିଛି। ଅସୁସ୍ଥତା କାରଣରୁ ସେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମରଶରୀର ଗାଁକୁ ଅଣାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

● ଗାଁ ମଧ୍ୟରେ କୋଇଲା ଟ୍ରକ ଚଳାଚଳକୁ ଜୋରଦାର ବିରୋଧ

## ଶୀତ ରାତିରେ ରାସ୍ତାରେ ବସିଲେ ଶତାଧିକ ଲୋକ

କାମାକ୍ଷାନଗର, ୧୧।୧(ସମିସ): ପରଜଙ୍ଗ ଗ୍ରାମ ଦେଇ ପରଜଙ୍ଗ ଷ୍ଟେସନକୁ ଯାଉଥିବା କୋଇଲା ଟ୍ରକ ଚଳାଚଳକୁ ଗ୍ରାମବାସୀ ଜୋରଦାର ବିରୋଧ କରିଛନ୍ତି। ଗ୍ରାମ ମଧ୍ୟରେ କୋଇଲା ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ଶତାଧିକ ଗ୍ରାମବାସୀ ରାସ୍ତା ଉପରେ ଧାରଣାରେ ବସିଛନ୍ତି। କୋଇଲା ଟ୍ରକ ଚଳାଚଳ ଯୋଗୁଁ ଗ୍ରାମବାସୀ କୋଇଲା ଗୁଣ୍ଡ ଓ ଧୂଆଁରେ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି। ଗ୍ରାମର ପିଲାଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମ ମଧ୍ୟରେ କୋଇଲା ଟ୍ରକ ଚଳାଚଳ ବନ୍ଦ କରିବା ପାଇଁ ପୂର୍ବରୁ ଅନେକ ଥର ଗ୍ରାମବାସୀ ରାସ୍ତାରୋକ କରିଥିଲେ। ଏ ନେଇ ଜିଲ୍ଲାପାଳ, ଏସପି, ପରଜଙ୍ଗ ବିଧାୟକ, ସ୍ଥାନୀୟ ତହସିଲଦାର ଓ ଥାନା ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏଥିରେ ଅତିଷ୍ଠ ହୋଇ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଶନିବାର ଶୀତୁଆ ରାତିରେ ରାସ୍ତାରେ ବସି ପ୍ରଶାସନ ବିରୋଧରେ ନାରାବାଜି ଦେବା ସହ ଧାରଣାରେ ବସିଛନ୍ତି। ତୁରନ୍ତ ଗ୍ରାମ ମଧ୍ୟରେ କୋଇଲା ଟ୍ରକ ଚଳାଚଳ ବନ୍ଦ କରା ନ ଗଲେ ରାସ୍ତାରୁ ହଟିବେ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା

ଢେଙ୍କାନାଳ, ୧୧।୧(ସମିସ): ସ୍ଥାନୀୟ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏନ୍‌ସିସି ତରଫରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛାତ୍ରୀମାନେ ପୋଷ୍ଟର, ବ୍ୟାନର ପ୍ରଦର୍ଶନ ସହିତ ସଡ଼କ ସୁରକ୍ଷା ଜୀବନ ରକ୍ଷାର ବାର୍ତ୍ତା ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀ, ଭାରପ୍ରାପ୍ତ ଏନ୍‌ସିସି ଶିକ୍ଷୟିତ୍ରୀ ସୁଲୋଚନା ଭୁତିଆ ଓ ମାମାଲି ମିଶ୍ରଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ।

## ପରିଣତ ବୟସରେ ମିଳୁନି ବାର୍ଦ୍ଧକ୍ୟ ଭତ୍ତା

### ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କୁ ନିବେଦନ

ଖମାର, ୧୧।୧(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ ବଡ଼ସଡ଼ା ପଞ୍ଚାୟତ ତାମ୍ଭୁରୁ ଗ୍ରାମ ଜୁଆଙ୍ଗ ସାହିର ପାନା ନାଏକଙ୍କୁ ଏବେ ୭୦ ବର୍ଷ ବୟସ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ସେ ବଞ୍ଚିତ ରହିଛନ୍ତି। ଏହି ଗରିବ ବୃଦ୍ଧଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ମଧ୍ୟ ମିଳି ନ ଥିବାରୁ ସେ ଚାଳ ଛପର ଘରେ ରହୁଛନ୍ତି। ଏ ସମ୍ପର୍କରେ ଯୁବ ସାମ୍ବାଦିକ ତଥା ଶ୍ରଦ୍ଧା ସେବା ସହଯୋଗ ସଂଗଠନର ସଦସ୍ୟ ସୌମ୍ୟରଞ୍ଜନ ବିଶ୍ୱାଳ, ସନ୍ତୋଷ କୁମାର ବେହେରା ଓ ବୁଲୁ ରାଜହଂସ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର, ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କୁ ଅବଗତ କରିଛନ୍ତି। ତୁରନ୍ତ ପାନାଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ସେମାନେ ନିବେଦନ କରିଛନ୍ତି।

## ବନ୍ତୁଲ ସରପଞ୍ଚଙ୍କ ପଦବୀ କାଏମ

ତାଳଚେରସଦର, ୧୧।୧(ସମିସ): ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ତାଳଚେର ଉପଖଣ୍ଡ ବନ୍ତୁଲ ପଞ୍ଚାୟତରୁ ସରପଞ୍ଚ ଭାବେ ଜୟନ୍ତୀଲତା ପ୍ରଧାନ ନିର୍ବାଚିତ ହୋଇଥିଲେ। ମାତ୍ର ଭୋଟର ତାଲିକାରେ ଜୟନ୍ତୀଲତାଙ୍କ ନାମ ନ ଥିବା ଅଭିଯୋଗ କରି ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ତାଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କୁକୁଡୁଲା ଗ୍ରାମର ରଶ୍ମିତା ସାହୁ ତାଳଚେର କନିଷ୍ଠ ଦେୱାନୀ ଅଦାଲତରେ ଏକ ମକଦ୍ଦମା ରୁଜୁ କରିଥିଲେ। ରଶ୍ମିତାଙ୍କୁ ସରପଞ୍ଚ ଭାବେ ଅବସ୍ଥାପିତ କରିବାକୁ ସେ ଅଦାଲତଙ୍କୁ ଅପିଲ କରିଥିଲେ। ତେବେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ତର୍ଜମା କରି ଅଦାଲତ ରଶ୍ମିତାଙ୍କ ଆବେଦନକୁ ଖାରଜ କରିବା ସହ ଜୟନ୍ତୀଲତାଙ୍କ ପଦବୀକୁ କାଏମ ରଖିଛନ୍ତି। ମାନ୍ୟବର ଅଦାଲତ ଗତ ୨୬ ଡିସେମ୍ବର ୨୦୨୪ ରେ ଏହି ରାୟ ପ୍ରକାଶ କରିଥିବା ଜଣାପଡ଼ିଛି। ଜୟନ୍ତୀଲତାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଜ୍ଞାନରଞ୍ଜନ ପାଣି ମକଦ୍ଦମା ପରିଚାଳନା କରିଥିବା ବେଳେ ରଶ୍ମିତାଙ୍କ ତରଫରୁ ଜମ୍ବେଶ୍ୱର ପଟ୍ଟନାୟକ ଲଢୁଥିଲେ। କୋର୍ଟଙ୍କ ରାୟ ଆସିବା ପରେ ସତ୍ୟର ଜୟ ହୋଇଥିବା ଜୟନ୍ତୀଲତା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞ ନିମନ୍ତେ କଳସ ଯାତ୍ରା

ଓଡ଼ାପଡ଼ା, ୧୧।୧(ସମିସ): ଓଡ଼ାପଡ଼ା ବ୍ଲକ ନାଧରାସ୍ଥିତ ମା' ରାମଚଣ୍ଡୀ ପୀଠ ପରିସରରେ ୨୯ତମ ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞ ନିମନ୍ତେ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ତଳବାଘଲୁଣ୍ଡା ଗ୍ରାମସ୍ଥିତ ଶିବମନ୍ଦିରରେ ପୂଜାର୍ଚ୍ଚନା ପରେ ଖୋଳକୀର୍ତ୍ତନ ଓ ଆତସବାଜି ସହ ମହିଳାମାନେ ନୂତନ ବସ୍ତ୍ର ପରିଧାନ କରି ବିରାଟ ଶୋଭାଯାତ୍ରାରେ ବ୍ରାହ୍ମଣୀ ନଦୀରୁ ପାଣି ଆଣି ମନ୍ଦିର ପରିସର ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ହରିବୋଲ ହୁଳହୁଳି ଧ୍ୱନିରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। କଳସ ଯାତ୍ରାରେ



୩ ହଜାରରୁ ଅଧିକ ମହିଳା ସାମିଲ ହୋଇଥିଲେ। ରବିବାର ସୂର୍ଯ୍ୟପୂଜା, ଗୋ-ପୂଜା, ବାସ୍ତୁ ପୂଜା, ଆଦିତ୍ୟ ହୃଦୟ ଚଣ୍ଡିପାଠ ସହ ଶ୍ରୀ ଶ୍ରୀ ଗୋକର୍ଣ୍ଣେଶ୍ୱର ମହାଦେବଙ୍କ ରୁଦ୍ରାଭିଷେକ, ଷୋଡ଼ଶ ଉପଚାର ପୂଜା ଓ ଯଜ୍ଞାନୁଷ୍ଠାନ ଆରମ୍ଭ ହେବ। ସୋମବାର ସୂର୍ଯ୍ୟପୂଜା, ଶନିଶ୍ଚର ମହାଦେବଙ୍କ ତୈଳାଭିଷେକ, ବଗଳାମୁଖୀ, ସିଦ୍ଧି ବିନାୟକ, ଷୋଡ଼ଶ ଉପଚାର ପୂଜା ଓ ଯଜ୍ଞ ଅନୁଷ୍ଠିତ ହେବ। ମଙ୍ଗଳବାର ମକର ସଂକ୍ରମଣ ଉତ୍ସବ ଓ ଅପରାହ୍ନରେ ମହାଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।

## ତହସିଲ କାର୍ଯ୍ୟାଳୟ ଓ ଇଟା ମାଫିଆଙ୍କ ମଧୁଚନ୍ଦ୍ରିକା

# ବ୍ରାହ୍ମଣୀ କୂଳରେ ମାଳମାଳ ବେଆଇନ ଇଟାଭାଟି





କଣିହାଁ, ୧୧।୧(ସମିସ):

ଏଣେ ବ୍ରାହ୍ମଣୀ ନଦୀ କୂଳ ତଥା ସରକାରୀ ଜାଗାରେ ମାଳମାଳ ମାଟି ଇଟାଭାଟି। ମାଫିଆମାନେ ଅବାଧରେ ମାଟିଇଟା ପ୍ରସ୍ତୁତ କରି ମାଲାମାଲ୍ ହେଉଛନ୍ତି। ପ୍ରଶାସନକୁ ଅଞ୍ଚଳବାସୀ ଅବଗତ କରିବା ସତ୍ତ୍ୱେ ଏଥିରେ ରୋକ୍ ଲାଗୁନାହିଁ। ତହସିଲଦାର ଏହି ମାଟି ଇଟଭାଟିକୁ ଯାଇ ବିନା କାର୍ଯ୍ୟାନୁଷ୍ଠାନରେ ଫେରିଆସୁଛନ୍ତି। ଫଳରେ ରାଜସ୍ୱ ବିଭାଗ ଓ ବେଆଇନ ମାଟିଇଟା ମାଫିଆଙ୍କ ମଧୁଚନ୍ଦ୍ରିକା ଚାଲିଥିବା ଅଭିଯୋଗ ହେଉଛି। ଏଣେ ବ୍ରାହ୍ମଣୀ ନଦୀ କୂଳ ଖାଇଚାଲିଛି। କୋଇଲା ଧୂଆଁ ଯୋଗୁଁ ପ୍ରଦୂଷଣ ବୃଦ୍ଧି ପାଉଛି। ଏ ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଇଛି।

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ନିକଟ କଦଳୀପାଳ, ସୁସୁବା ପଞ୍ଚାୟତର ସୁସୁବାପାଳ, ଭାଲିଆବେଢ଼ା, ଆର୍କିଳ ପ୍ରଭୃତି ଗାଁରେ ବ୍ରାହ୍ମଣୀନଦୀ କୂଳରେ ମାଟିଇଟା ପୋଡ଼ାଯାଉଛି। ଅଞ୍ଚଳର ସରକାରୀ ଜାଗାରେ ୧୦ରୁ ଅଧିକ ଇଟାଭାଟି ଥିବାବେଳେ ଓ ଲକ୍ଷାଧିକ କଞ୍ଚାଇଟା ଥାକମାରି ରଖାଯାଇଛି। ମୃତ୍ତିକା ସଂରକ୍ଷଣ ଆଇନ ମୁତାବକ କେହି ମାଟିଇଟା ତିଆରି କରିପାରିବେ ନାହିଁ କିମ୍ବା କିଣାବିକା କରିପାରିବେ ନାହିଁ। କେବଳ ପାଉଁଶ ଇଟା ବ୍ୟବହାର କରିବାକୁ ପ୍ରଦୂଷଣ ଓ ଫ୍ୟାକ୍ଟ୍ରି ବଏଲର୍ ବିଭାଗର ନିର୍ଦ୍ଦେଶ ଅଛି। ଇଟା ବେପାରୀମାନେ କିନ୍ତୁ ଏହି ନିୟମକୁ ଫୁ କରି ଉଡ଼ାଇ ଦେଇଛନ୍ତି। ସେମାନେ ଅବାଧରେ ମାଟିଇଟା ପୋଡ଼ି ବିକ୍ରି କରୁଛନ୍ତି। ଇଟା ପାଇଁ ମାଟି ଖୋଳାଯାଉଥିବାରୁ ବ୍ରାହ୍ମଣୀ ନଦୀ କୂଳ ଖାଇ ନିକଟସ୍ଥ ଜନବସତି ପ୍ରତି ବିପଦ ସୃଷ୍ଟି କରିବା ସହ ଗତିପଥ ବଦଳାଇବା ଆଶଙ୍କା ସୃଷ୍ଟି ହୋଇଛି। ଇଟା ପୋଡ଼ିବା ପାଇଁ ଟନ୍ ଟନ୍ କୋଇଲା ବ୍ୟବହାର ହେଉଛି। ଅବାଧରେ କୋଇଲା ବିକ୍ରି ପାଇଁ ଏମ୍‌ସିଏଲ୍ ପକ୍ଷରୁ ଅନୁମତି ଦିଆଯାଏ ନାହିଁ। ତେଣୁ ଇଟାଭାଟିରେ ବ୍ୟବହାର ହେଉଥିବା କୋଇଲା ଚୋରାରେ ଆସୁଥିବା ଆଶଙ୍କା କରାଯାଉଛି। ପ୍ରତିଦିନ କୋଇଲା ମାଫିଆମାନେ ଅବାଧରେ ଡ୍ୟାମ ଉପର ଦେଇ ସ୍କୁଟର ଓ ବାଇକରେ ଏହି ଇଟାଭାଟିଗୁଡ଼ିକୁ କୋଇଲା ପରିବହନ କରୁଛନ୍ତି। ଏମାନଙ୍କ ଉପରେ ପୁଲିସ କିମ୍ବା ପ୍ରଶାସନ କାହାରି ବି ଅଙ୍କୁଶ ନାହିଁ। ଇଟା ବ୍ୟବସାୟୀମାନେ ଆଇନକୁ ଭୃକ୍ଷେପ ନ କରି ମନଇଚ୍ଛା ମାଳମାଳ ଇଟାଭାଟି କରି ମାଲାମାଲ୍ ହେଉଛନ୍ତି।

ଅନ୍ୟପକ୍ଷରେ ମାଟିଇଟା ତିଆରି ସମ୍ପର୍କରେ କଣିହାଁ ତହସିଲଦାର ଓ ଶିପୁର ଆରଆଇଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏପରିକି କିଛିଦିନ ପୂର୍ବରୁ ତହସିଲଦାର ଇଟଭାଟିକୁ ଯାଇ ବିନା କାର୍ଯ୍ୟାନୁଷ୍ଠାନରେ ସେଠାରୁ ଫେରି ଆସିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ଜିଲ୍ଲାପାଳ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଏହି ବେଆଇନ ଇଟାଭାଟିଗୁଡ଼ିକୁ ଉଚ୍ଛେଦ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କଣିହାଁ ତହସିଲଦାର ଚିନ୍ମୟ ଦାସଙ୍କ ସହ ମୋବାଇଲରେ ଯୋଗାଯୋଗ କରିବାକୁ ବାରମ୍ବାର ଚେଷ୍ଟା କରାଯାଇଥିଲେ ସୁଦ୍ଧା ଯୋଗାଯୋଗ ସମ୍ଭବ ହୋଇନାହିଁ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଅନୁଗୋଳ, ୧୧।୧(ସମିସ): ପୁରୁଣାକୋଟ ଥାନା ମାଣିକଯୋଡ଼ି ଗ୍ରାମ ନିକଟରେ ଶନିବାର ପୂର୍ବାହ୍ନରେ ଏକ ବାଇକ୍ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ମାଣିକଯୋଡ଼ି ଗ୍ରାମର ସିନ୍ଧୁଆ ନାଏକ (୬୦)। ସେହି ଗ୍ରାମର ଦଳେଇ ଖିଲାର (୪୨)ଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସିନ୍ଧୁଆ ଓ ଦଳେଇ ଛେଳି ବ୍ୟବସାୟ କରନ୍ତି। ସକାଳେ ଦୁହେଁ ଛେଳି କିଣିବାକୁ ଏକ ବାଇକ୍‌ରେ ପୁରୁଣାକୋଟ ଅଞ୍ଚଳକୁ ଯାଇ ସେଠାରୁ ଘରକୁ ଫେରୁଥିବା ବେଳେ ଗାଁଠାରୁ ୫ କିଲୋମିଟର ଦୂରରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଦୁହେଁ ରାସ୍ତା କଡ଼ରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ସିନ୍ଧୁଆଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦଳେଇଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପୁଲିସ ସିନ୍ଧୁଆଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ତଦନ୍ତ ଜାରି ରଖିଛି।

# ଯୁବକଙ୍କ ଆତ୍ମହତ୍ୟା

ପାରାଦୀପ, ୧୧।୧ (ସମିସ) : ନିମିଡି ଗ୍ରାମର ହିମାଂଶୁ ପରିଡ଼ାଙ୍କ ଏକମାତ୍ର ପୁତ୍ର ହିତେଶ କୁମାର ପରିଡ଼ା (୨୨) ଗତ ବିଳମ୍ବିତ ରାତିରେ ବେକରେ ରସି ଲଗାଇ ଫ୍ୟାନ୍‌ରେ ଝୁଲିପଡ଼ି ମୃତ୍ୟୁବରଣ କରିଥିବା ଲକ୍ଷ୍ଥାନା ସୂତ୍ରରୁ ଜଣାପଡ଼ିଛି। ବାପ-ମା' ଏକମାତ୍ର ପୁତ୍ରକୁ ହରାଇ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ପୁଲିସ ସୂଚନା ମୁତାବକ ବାପା ମା' ଏକ କୋଠରୀରେ ଶୋଇଥିବା ବେଳେ ପୁଅ ଅନ୍ୟ ଏକ କୋଠରୀରେ ଶୋଇଥିଲା। ପୁଅର ଚିତ୍କାର ଶୁଣି ପରିବାର ଲୋକେ କବାଟ ବାଡ଼େଇବାରୁ କବାଟ ପଛ ପାଖ ବନ୍ଦ ଥିଲା। କବାଟ ଭାଙ୍ଗି ପୁଅ ଫ୍ୟାନ୍‌ରେ ଝୁଲିପଡ଼ିଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଅଠରବାଙ୍କୀ ଓ ପରେ ବନ୍ଦର ମେଡିକାଲ ନେବା ପରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି। ମୃତ ଯୁବକ ଭୁବନେଶ୍ୱରରେ ରହି ପାଠ ପଢୁଥିବା ବେଳେ ଗାଁକୁ ବୁଲି ଆସିଥିଲେ। ସକାଳେ ସେ ଭୁବନେଶ୍ୱର ଫେରିଥାନ୍ତେ ବୋଲି ପରିବାର ପକ୍ଷରୁ ଜଣାପଡ଼ିଛି।

### ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଜଗତସିଂହପୁର ଜିଲ୍ଲା ଗସ୍ତ

# କଟ୍‌ନୀ ଛଟ୍‌ନୀ ପାଇଁ କୌଣସି ନିୟମ ନାହିଁ :ମନ୍ତ୍ରୀ

ଜଗତସିଂହପୁର, ୧୧।୧(ସମିସ):



ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଧାନମଣ୍ଡି ପରିଦର୍ଶନ କରିଛନ୍ତି। ସେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବୈଠକରେ ମନ୍ତ୍ରୀ ଶ୍ରୀ ପାତ୍ର କହିଲେ, ଧାନର ଏଫଏକ୍ୟୁ ମାନ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଛନ୍ତି। ତେଣୁ ପ୍ରତ୍ୟେକ ଚାଷୀଭାଇ ମାନେ ଉନ୍ନତ ମାନର ଧାନ ଆଣି ମଣ୍ଡିରେ ଦେବା ସହିତ ସରକାରଙ୍କଠାରୁ ନିର୍ଦ୍ଧାରିତ ମୂଲ୍ୟ ପାଆନ୍ତୁ। ଜଗତସିଂହପୁର ଜିଲ୍ଲାରେ ଅଦିନିଆ ବର୍ଷାରେ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଛି। ଏଥିପାଇଁ ସରକାର ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ଚଳିତ ବର୍ଷ କଟ୍‌ନୀ ଛଟ୍‌ନୀ ପାଇଁ କୌଣସି ନିୟମ କରାଯାଇ ନାହିଁ। ଜାନୁଆରୀ ୩୧ ତାରିଖ ସୁଦ୍ଧା ସମସ୍ତ ଖାଉଟି ନିଜର ଇ-କେୱାଇସି କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଯଦି ବାହାର ରାଜ୍ୟରେ କେହି ଇ-କେୱାଇସି କରିପାରୁ ନାହାନ୍ତି, ତେବେ ୧୯୬୭କୁ ଫୋନ୍ କଲେ ଏହାର ସମାଧାନ ପାଇଁ ବ୍ୟବସ୍ଥା କରାଯିବ। ଧାନ ସଂଗ୍ରହ ବେଳେ ମିଲର୍ ମାନେ ଚାଷୀଙ୍କୁ ଭଲ ଅଖା ଯୋଗାଇବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ, ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ, ସାଧାରଣ ଲୋକଙ୍କ ହିତ ପାଇଁ ଖାଦ୍ୟ ଯୋଗାଣ ରହିଛି। ରାଜ୍ୟରେ ଧାନମଣ୍ଡି ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଛନ୍ତି। ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କ ପାଇଁ ବିଶ୍ରାମ ସ୍ଥଳୀ, ପାନୀୟ ଜଳ ଇତ୍ୟାଦି ସୁବ୍ୟବସ୍ଥିତ ଭାବରେ କରାଯାଇଛି। ବୈଠକରେ ଯୋଗଦେଇ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା କହିଲେ, ଚଳିତ ବର୍ଷ ଜିଲ୍ଲାରେ ଭଲ ଧାନ ଚାଷ ହୋଇଛି। ଅଦିନିଆ ବର୍ଷାରେ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଛି। ତେଣୁ ଜଗତସିଂହପୁର ଜିଲ୍ଲା ପାଇଁ ଏଫଏକ୍ୟୁ ଧାନ ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ମନ୍ତ୍ରୀଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଏହି ବୈଠକରେ ଯୋଗଦେଇ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ କହିଲେ, ଜଗତସିଂହପୁର ଜିଲ୍ଲାରେ ଅଦିନିଆ ବର୍ଷାରେ ଧାନ ଚାଷ କ୍ଷତିଗ୍ରସ୍ତ ହେବା ସହ ଧାନର ମାନ ହ୍ରାସ ପାଇଛି। ତେଣୁ ଏହି ଜିଲ୍ଲା ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ। କ୍ଷୟକ୍ଷତି ପାଇଁ ସଠିକ୍ ଭାବରେ ଯୁଗ୍ମ ଯାଞ୍ଚ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜରୁରୀକାଳୀନ ପାଇଁ ଗରିବ ଲୋକଙ୍କ ନିମନ୍ତେ କିଛି ରାସନ୍ କାର୍ଡର ବ୍ୟବସ୍ଥା କରାଯାଉ ବୋଲି ବିଧାୟକ ପ୍ରକାଶ କରିଥିଲେ। ବୈଠକରେ ଯୋଗଦେଇ ଜିଲ୍ଲାପାଳ ଜେ ସୋନାଲ ଜିଲ୍ଲାରେ ଖୋଲା ଯାଇଥିବା ମଣ୍ଡି ସମ୍ପର୍କରେ ବିଷଦ ବିବରଣୀ ପ୍ରଦାନ କରିବା ସହ ଅଦିନିଆ ବର୍ଷାର କ୍ଷୟକ୍ଷତି ସମ୍ପର୍କରେ ମଧ୍ୟ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ ଉପସ୍ଥିତ ଥିଲେ। ବୈଠକରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା, ସହକାରୀ ନିବନ୍ଧକ ପ୍ରଭାତ କୁମାର ମହାପାତ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀମତି ସୁଜାତା ମିଶ୍ର ନିଜ ନିଜ ବିଭାଗ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବୈଠକରେ ଜିଲ୍ଲା ପଞ୍ଚାୟତ ଅଧିକାରୀ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ନିର୍ବାହୀ ଅଧିକାରୀ, ଜଗତସିଂହପୁର ପୌର ପରିଷଦ, ଲିଗାଲ ମେଟ୍ରୋଲୋଜି ବିଭାଗର ଯୁଗ୍ମ କଣ୍ଟ୍ରୋଲର, ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଏମ୍‌ଆଇ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ସମାଜସେବୀ ରଶ୍ମିରଞ୍ଜନଙ୍କ ନିଆରା ସେବା

# 'ଏକ୍ସ'ରେ କରୁଛନ୍ତି ସମସ୍ୟାର ସମାଧାନ

ବାଲିକୁଦା, ୧୧।୧(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ରାହାଣ ଗ୍ରାମର ଟ୍ୱିଟର ବୟ ନାମରେ ପରିଚିତ ଯୁବ ସମାଜସେବୀ ରଶ୍ମିରଞ୍ଜନଙ୍କ ନିଆରା ସେବା ଚର୍ଚ୍ଚାର ବିଷୟ ହୋଇଛି। ସାମାଜିକ ଗଣମାଧ୍ୟମକୁ ପ୍ରମୁଖ ଅସ୍ତ୍ର କରି ଗରିବ ଅସହାୟ ଲୋକଙ୍କ ସମସ୍ୟାକୁ ଏକ୍ସ କରି ସେ ଉପକ୍ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। କେଉଁ ଗାଁରେ କ'ଣ ରହିଛି ସମସ୍ୟା, କିଏ ହେଉଛି ଅବହେଳିତ ଆଉ କିଏ ସରକାରୀ ସେବାରୁ ବଞ୍ଚିତ, ଏମିତି କିଛି ସ୍ଥାନୀୟ ଅଞ୍ଚଳର ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଟୁଇଟ୍ କରି ସେ ସିଧାସଳଖ ଜଣାଉଛନ୍ତ ଏବଂ ଏଥିରୁ ଲୋକଙ୍କୁ ଲାଭ ମଧ୍ୟ ମିଳୁଛି। ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ରାହାଣ ପଞ୍ଚାୟତ ରାହାଣ ଗ୍ରାମର ରଶ୍ମି ରଞ୍ଜନ ପାତ୍ର ନିଜ କାର୍ଯ୍ୟ ସହିତ ପ୍ରତିଦିନ ବିଭିନ୍ନ ଖବରକାଗଜରେ ପ୍ରକାଶିତ ଖବର,



ଦିନ ଦରିଦ୍ରଙ୍କ ସମସ୍ୟା ସହ ପ୍ରଶାସନିକ ଅବହେଳାକୁ ନେଇ ସେ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ, ବିଭାଗୀୟ ମନ୍ତ୍ରୀ, ସଚିବ, ମୁଖ୍ୟମନ୍ତ୍ରୀଙ୍କୁ ଏକ୍ସ ମାଧ୍ୟମରେ ଜଣାଇଥାନ୍ତି। ଗରିବ ଲୋକଙ୍କ ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଜଣାଇ ସେମାନଙ୍କୁ ସହାୟତାର ବାଟ ଦେଖାନ୍ତି।୨୦୨୨ରୁ ରଶ୍ମି ରଞ୍ଜନ ଅନବରତ ଭାବେ ଏକ୍ସମାଧ୍ୟମରେ ଲୋକଙ୍କ ସମସ୍ୟାକୁ ସରକାର ନିକଟରେ ପହଞ୍ଚାଇବା କାର୍ଯ୍ୟ ଜାରି ରଖିଛନ୍ତି। ଏ ପର୍ଯ୍ୟନ୍ତ ସେ ୭୦୦ରୁ ଅଧିକ ସମସ୍ୟା ସମ୍ପର୍କୀତ ଟୁଇଟ୍ କରିଥିବା ବେଳେ ଅନେକ ସମସ୍ୟାର ସମାଧାନ କରିପାରିଛନ୍ତି। ଖାଲି ସେତିକି ନୁହେଁ, ରଶ୍ମି ରଞ୍ଜନ ୬ ଥର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ସ୍ୱେଚ୍ଛାସେବୀ ସଂଗଠନ ସେବା ଫାଉଣ୍ଡେସନର ସଭାପତି ରୂପେ ୫ ବର୍ଷ ହେବ ସେ କାର୍ଯ୍ୟ କରିଆସୁଛନ୍ତି। ରଶ୍ମି ରଞ୍ଜନଙ୍କ ଏଭଳି ସମାଜସେବା ମନୋଭାବକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

### ● ଟାଟା ପାୱାରର ମନମାନି

# ବର୍ଦ୍ଧିତ ଇଲେକ୍ଟ୍ରି ବିଲ୍‌କୁ ନେଇ ଅସନ୍ତୁଷ୍ଟ ଗ୍ରାହକ

ପାରାଦୀପ, ୧୧।୧ (ସମିସ): ଟାଟା ପାୱାର କମ୍ପାନୀର ମନମାନି ଇଲେକ୍ଟ୍ରି ବିଲକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ପାରାଦୀପ ପୌରାଞ୍ଚଳ ଷଣ୍ଢକୂଦ ବାସିନ୍ଦା। ପୂର୍ବରୁ ମିଟର ରିଡିଂ ଅନୁଯାୟୀ ବିଲ ଆସୁଥିଲା। ଏବେ ମନଇଚ୍ଛା ଅଧିକ ବିଲ୍ ପଠାଇ ଶୋଷଣ



କରୁଥିବା ଅଭିଯୋଗ ଆଣିଛନ୍ତି ବସ୍ତିର ଉପଭୋକ୍ତା। ଅଭିଯୋଗ କଲେ, ସରକାର କରିଛନ୍ତି, ଆମେ କିଛି କରିନାହୁଁ ବୋଲି ଉତ୍ତର ଦେଉଛନ୍ତି ଟାଟା ପାୱାର କର୍ମଚାରୀ। ଏବେ ମିଟର ଡେଡ୍, ନୂଆ ସ୍ମାର୍ଟ ମିଟର ଲାଗିବ। ସେ ପର୍ଯ୍ୟନ୍ତ ଏଭଳି ବର୍ଦ୍ଧିତ ବିଲ୍ ୩୦୭ ଟଙ୍କା ଆସିବ, ତେବେ ପୂର୍ବରୁ ଯେଉଁଭଳି ମିଟର ରିଡିଂ ଅନୁଯାୟୀ ବିଲ୍ ପେମେଣ୍ଟ କରୁଥିଲେ, ସେହିପରି ଦେଇଦେବା ପାଇଁ ଟାଟା କର୍ମଚାରୀ ମାନେ କହୁଥିବା ଅଭିଯୋଗ ହୋଇଛି। ଅଞ୍ଚଳର ସମସ୍ତ ଉପଭୋକ୍ତାଙ୍କର ୩୦୭ ଟଙ୍କା ୬୬ ପଇସା ଆନୁମାନିକ ଭାବେ ବିଲ୍ ଆସିଥିବା ଜଣାପଡ଼ିଛି। ତେବେ ଏବେର ଯେଉଁ ବର୍ଦ୍ଧିତ ବିଲ୍ ଆସୁଛି, କିଭଳି ଆମ ଖାତାରୁ କାଟିବା ନେଇ ପ୍ରଶ୍ନ କରିଥିଲେ ବି ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଉ ନଥିବା ଅଭିଯୋଗ ହୋଇଛି। ତେବେ ତୁରନ୍ତ ଏ ସମସ୍ୟାର ସମାଧାନ ପାଇଁ ଷଣ୍ଢକୂଦ ଅଞ୍ଚଳ ବାସିନ୍ଦା ନିବେଦନ କରିଛନ୍ତି। ତୁରନ୍ତ ଏହାର ସମାଧାନ କରି ରିଡିଙ୍ଗ ଅନୁସାରେ ବିଲ ପ୍ରଦାନ ନକଲେ, ଟାଟା ପାୱାର ଅଫିସ ସମ୍ମୁଖରେ ପରିବାର ସହ ଧାରଣା ଦେବା ନେଇ କହିଛନ୍ତି ସ୍ଥାନୀୟ ଉପଭୋକ୍ତା।

# ସିଲେଇ ମେସିନ୍ ଓ ଶୀତବସ୍ତ୍ର ବଣ୍ଟନ



ପାରାଦୀପ, ୧୧।୧ (ସମିସ) : ପାରାଦୀପ ପୌରାଞ୍ଚଳ ର ବସବାସ କରୁଥିବା ଗରିବ ମା ଭଉଣୀ ଙ୍କୁ ସହାୟତାର ହାତ ବଢ଼ାଇଛି କଳିଙ୍ଗ ମହିଳା ଶକ୍ତି। ଏନେଇ ଆଜି କଳିଙ୍ଗ ମହିଳା ଶକ୍ତି ପକ୍ଷରୁ ବଡ଼ପଡ଼ିଆରେଠାରେ ସଂଘର ସଭାପତି ସୁଶ୍ରୀ ମନୋରମା ଖଟୁଆଙ୍କ ସଭାପତିତ୍ୱରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପୌରାଞ୍ଚଳର ୧୯ଟି ୱାର୍ଡରୁ ଆସିଥିବା ଲୋକଙ୍କୁ ୨୫ଟି ସିଲାଇ ମେସିନ ସହ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଏଥିରେ ଅତିଥି ଭାବେ ବନ୍ଦରର ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର ଓ ଉପ ଆରକ୍ଷୀ ଅଧିକ୍ଷକ ସ୍ମୃତିରଞ୍ଜନ କର ଯୋଗ ଦେଇ ବଣ୍ଟନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। କଳିଙ୍ଗ ମହିଳା ଶକ୍ତିର ଏଭଳି ପ୍ରୟାସ ପାଇଁ ଉପସ୍ଥିତ ଅତିଥିମାନେ ସଙ୍ଗଠନକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହିଭଳି ସମାଜ ମଙ୍ଗଳ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିଥିଲେ। ଏଥିରେ ସଙ୍ଗଠନର ଉପଦେଷ୍ଟା ବିଜୟ କୁମାର ପରିଡ଼ା, ରବୀନ୍ଦ୍ର ମଲ୍ଲିକ, ନବଘନ ସ୍ୱାଇଁ, ସାଧାରଣ ସମ୍ପାଦିକା ଶ୍ରୀମତୀ କମଳା ଓଝା, ଉପସଭାପତି ଶ୍ରୀମତୀ ବିଜୟାଲକ୍ଷ୍ମୀ ଦାସ, କୋଷାଧ୍ୟକ୍ଷ ଶ୍ରୀମତୀ ବାସୁକା ମଲ୍ଲିକ, ସହ ସମ୍ପାଦିକା ଶ୍ରୀମତୀ ଉର୍ମିଳା ମହାନ୍ତି, ଉର୍ମିଳା ସାହୁ, ଜ୍ୟୋସ୍ନା ବାହାଦୂର, ସରୋଜିନୀ ସ୍ୱାଇଁ ଓ ଲକ୍ଷ୍ମୀପ୍ରିୟା ପାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଚିକିତ୍ସାରେ ବାଧକସାଜିଛି ଅର୍ଥ

# ସ୍ତ୍ରୀର କ୍ୟାନ୍‌ସର ଚିକିତ୍ସା ପାଇଁ ସ୍ୱାମୀ ବାରଦୁଆର



ପାରାଦୀପ, ୧୧।୧ (ସମିସ) : ବନ୍ଦର ନଗରୀ ଉପକଣ୍ଠ ଭୁତମୁଣ୍ଡାଇ ଗ୍ରାମର ଶଙ୍କର୍ଷଣ ସ୍ୱାଇଁଙ୍କ ପୁଅ ବିଶ୍ୱଜିତ ଏବଂ ସ୍ୱର୍ଗତ ସରୋଜ ପ୍ରଧାନଙ୍କ ଝିଅ ବନ୍ୟାରାଣୀ ଭଲପାଇବା ପରେ ବିବାହ କରିଥିଲେ। ବିବାହର ଦୁଇବର୍ଷ ପରେ ପୁଅଟିଏ ଜନ୍ମ ହେବାପରେ ଉଭୟ ଖୁସିରେ ଥିଲେ। ବିଶ୍ୱଜିତ ବିଭିନ୍ନ କମ୍ପାନୀର ଠିକାଦାରଙ୍କ ପାଖରେ କାମକରି ରୋଜଗାର କରୁଥିବା ଅର୍ଥରେ ପରିବାର ହସଖୁସିରେ ଚଳିଯାଉଥିଲେ। ହେଲେ ହଠାତ୍ ବନ୍ୟାରାଣୀଙ୍କ ହାତ ଫୁଲିଯିବା ସହିତ ଯନ୍ତ୍ରଣା ଅନୁଭବ କରିବା ପରେ ପ୍ରଥମେ ସ୍ଥାନୀୟ ଅଞ୍ଚଳର ଡାକ୍ତର ମାନଙ୍କୁ ଦେଖାଇ ଚିକିତ୍ସା କରିଥିଲେ ମଧ୍ୟ କିଛି ସୁଫଳ ମିଳିନଥିଲା। ପରେ କଟକ ର ଚିକିତ୍ସା କରିବା ପରେ ବନ୍ୟାଙ୍କୁ ବୋନ କ୍ୟାନ୍ସର ହୋଇଥିବା ଜଣାପଡ଼ିଥିଲା। ନିଜ ପାଖରେ ଥିବା ଅର୍ଥ ସହିତ ସୁନାଗହଣା ବିକ୍ରିକରି ପତ୍ନୀଙ୍କ ହାତ ଅପରେସନ କରିଥିଲେ ବିଶ୍ୱଜିତ। କିଛିଦିନ ପରେ ପୁଣିଥରେ ଏହି ଯନ୍ତ୍ରଣା ହେବାରୁ ବିଶ୍ୱଜିତ ସାହିପଡ଼ିଶା ଓ ସାଙ୍ଗସାଥିଙ୍କଠାରୁ ଧାର, କରଜ କରି ବିଭିନ୍ନ ମେଡିକାଲ ଦୌଡ଼ିଥିଲେ ମଧ୍ୟ କିଛି ସୁଫଳ ମିଳିନଥିଲା। କ୍ୟାନ୍ସର ଚିକିତ୍ସା ମହଙ୍ଗା। ଯାହାକୁ ନେଇ ବିଶ୍ୱଜିତ ଓ ବନ୍ୟା ଭାଙ୍ଗିପଡ଼ିଛନ୍ତି। ଛୋଟ ପୁଅଟିକୁ ଲାଳନ ପାଳନ କରିବା ପରିବର୍ତ୍ତେ ତାକୁ ଛାଡି ଉଭୟ ସ୍ୱାମୀ ସ୍ତ୍ରୀ ଚିକିତ୍ସା ପାଇଁ ଏ ମେଡିକାଲରୁ ସେ ମେଡିକାଲ ଘୁରି ବୁଲୁଛନ୍ତି। ସରକାରଙ୍କ ଅନେକ ଯୋଜନା ରହିଥିବା ବେଳେ ଏ ପରିବାର ପ୍ରତି ସେ ସବୁ ଯୋଜନା ହୋଇପଡ଼ିଛି ସାତସପନ। ବନ୍ଦରନଗରୀ ଉପକଣ୍ଠ ଭୁତମୁଣ୍ଡାଇ ଗ୍ରାମର ଏହି ପରିବାରଙ୍କ ସରକାରଙ୍କ ତରଫରୁ ମିଳିନାହିଁ ବାସଗୃହ। ନୁଆଁଣିଆ ଚାଳଛପର ଘର। ଗୋଟିଏ ପଟେ ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନ ଥିବା ବେଳେ ଅନ୍ୟପଟେ ରୋଗ ଦାଉ ସାଜିଛି। ଚିକିତ୍ସା ପାଇଁ ସବୁ ସରିଯିବା ପରେ ଧାର କରଜରେ ବୁଡ଼ି ଗଲେଣି ବିଶ୍ୱଜିତ। ଏନେଇ କୌଣସି ସରକାରୀ ସହାୟତା ମିଳିନାହିଁ। ଯାହାକୁ ନେଇ ବିଶ୍ୱଜିତ ଓ ବନ୍ୟାରାଣୀ ସରକାରୀ ଓ ବେସରକାରୀ ଅନୁଷ୍ଠାନ କିମ୍ବା ବଦାନ୍ୟ ବ୍ୟକ୍ତି ବିଶେଷ ମାନଙ୍କୁ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରିଛନ୍ତି। ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

**ମିଳିନି କୌଣସି ସରକାରୀ ସହାୟତା**

# ଜେଲ୍ ଅନ୍ତେବାସୀଙ୍କୁ ଧନ୍ଦାମୂଳକ ପ୍ରଶିକ୍ଷଣ ଶିବିର

କୁଜଙ୍ଗ, ୧୧।୧(ସମିସ): ଜେଲ୍ ଅନ୍ତେବାସୀଙ୍କ ପରବର୍ତ୍ତୀ ଜୀବନ କିପରି ସୁଖଶାନ୍ତି ତଥା ସେମାନେ କିପରି ସ୍ୱାବଲମ୍ବୀ ହୋଇ ପାରିବେ ସେ ସମ୍ପର୍କରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଜଗତ୍‌ସିଂହପୁର ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମୀ ସଙ୍ଗଠନ ବ୍ୟାସ ଫାଉଣ୍ଡେସନର ମିଳିତ ସହଭାଗିତାରେ କୁଜଙ୍ଗ ସମାଗୋଳ ଉପକାରାଗାର ପରିସରରେ ଏକ ଦିବସୀୟ ଧନ୍ଦାମୂଳକ ପ୍ରଶିକ୍ଷଣ ଶିବିର ଜେଲ୍ ଅଧୀକ୍ଷକ ଇନ୍ଦ୍ରଜିତ ବିଶ୍ୱାଳଙ୍କ ପ୍ରୟାସରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା, ଅଙ୍କିତ ଦେୱାଗନ୍, ଜୁଡିସିଆଲ ମାଜିଷ୍ଟ୍ରେଟ, ଦେବାଶିଷ ପଣ୍ଡା ବୈଜ୍ଞାନିକ କୃଷି ଗବେଷଣା କେନ୍ଦ୍ର, ନିମକଣା, ରବୀନ୍ଦ୍ର କୁମାର୍ ପ୍ରଧାନ, କୃଷି ଗବେଷଣା କେନ୍ଦ୍ର ନିମକଣା, ବ୍ୟାସ ଫାଉଣ୍ଡେସନ ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ଉପସଭାପତି ରଶ୍ମିତା ନାୟକ, ଆସିଷ୍ଟାଣ୍ଟ ଜେଲର ଅଶୋକ କୁମାର ପରିଡ଼ା, ପ୍ରେମଲତା ବାରିକ, ଫାର୍ମାଶିଷ୍ଟ ଶ୍ରୀନିବାସ ଦାସ, ପି.ଅଂଶୁମାନ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଅନ୍ତେବାସୀମାନେ ସ୍ୱଳ୍ପ ପରିଶ୍ରମ, ସ୍ୱଳ୍ପ ରୋଜଗାର ବିନିଯୋଗରେ କିପରି ନିଜର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇ ପାରିବେ, ଭବିଷ୍ୟତ ଜୀବନ କିପରି ସୁଖଦ,



ସୁବ୍ୟବସ୍ଥିତ ସହଜ ଓ ସୁଗମ ହୋଇ ପାରିବ ସେ ବିଷୟରେ ପ୍ରଶିକ୍ଷିତ କରାଇଥିଲେ। ଜେଲ୍ ଅନ୍ତେବାସୀ ମାନେ ଏପ୍ରକାର ପ୍ରଶିକ୍ଷଣକୁ ସ୍ୱାଗତ କରିବା ସହ ଖୁସି ପ୍ରକାଶ କରିଥିଲେ।"

# ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ତିର୍ତ୍ତୋଲ, ୧୧।୧(ସମିସ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର



ଶାସ୍ତ୍ରୀଙ୍କ ୫୯ ତମ ଶ୍ରାଦ୍ଧବାର୍ଷିକୀ ଆଜି ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ମୂଳିସିଂହ ସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରି ଶାସ୍ତ୍ରୀଜୀ ପରି ନୀତିନିଷ୍ଠ ଜନନାୟକ ଆଜିର ଦୁନିଆଁରେ ବିରଳ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ ଜେନା ତାଙ୍କ ବକ୍ତବ୍ୟରେ 'ଜୟ ଯବାନ, ଜୟ କିଶାନ'ର ପ୍ରବକ୍ତା ଭାବେ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାରଣା, ଶିକ୍ଷୟତ୍ରୀ ସୁଦେଷ୍ଣା ଦାସ, ମୋନାଲିସା ଭଟ୍ଟ, ସାହିସ୍ତା ପରୱିନ, ସସ୍ମିତା ବିଶ୍ୱାଳ, ଶିକ୍ଷକ ପ୍ରଭାତ ଗୁଇଁ, ଅଶୋକ ବେହେରା, ଅଭିଭାବକ ମହମ୍ମଦ କରିମ୍ ଖାନ୍ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର ୬ଜଣ କୃତି ପ୍ରତିଯୋଗୀଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟତ୍ରୀ ପ୍ରିୟଙ୍କା ମଣ୍ଡଳ ଧନ୍ୟବାଦ ଦେଇଥିଲେ।

# ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ



ପାରାଦୀପ, ୧୧।୧ (ସମିସ) : ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ, ପାରାଦୀପ ପକ୍ଷରୁ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ଆଜି ଜୟଦେବ ସଦନଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦରର ମୁଖ୍ୟଯନ୍ତ୍ରୀ (ସିଏମଇ) ସୁଶିଲ ଚନ୍ଦ୍ର ନାହକ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମନୋଜ ମହାନ୍ତି ଓ ଯୋଗ ଶିକ୍ଷକ ଭାବେଶ୍ରୀ ତାପସ ପତି, କଳ୍ପତରୁ ମନ୍ତ୍ରୀ, ଗୀତାଞ୍ଜଳି ମହାନ୍ତି ଯୋଗଦେଇ ଯୁବକ ଯୁବତୀ ଓ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ଯୋଗ ପ୍ରାଣାୟାମ ଶିଖାଇଥିଲେ। ତା ପରେ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗ ପ୍ରାଣାୟାମ ପ୍ରତିଯୋଗିତା କରାଯାଇଥିଲା। ଏହାପରେ ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଶେଷରେ ରାଜ ଡାନ୍ସ ଗ୍ରୁପ୍‌କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ, ପାରାଦୀପର ସଭାପତି ବିଭୁ ପ୍ରସାଦ ନାୟକ, ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ନାୟକ, ବିଧାନ ଚନ୍ଦ୍ର ପରିଡ଼ା, ଏନ ଜେ ରାଓ, ରଶ୍ମି ହରିଚନ୍ଦନ, ଶଶୀକାନ୍ତ ନାୟକ, ଦେବବ୍ରତ ସାହୁ, ସାରଦା ପ୍ରସନ୍ନ ବେହେରା, ବୈଦ୍ୟନାଥ ବେହେରା, ସମୀର ବର୍ମନ୍, ଜିତେନ୍ ସାମଲ, ଶୁଭେନ୍ଦୁ ମଣ୍ଡଳ, ସୁମିତ ସହା, ତାପସ ଛୋଟରାୟ ଓ ସରୋଜ ବଳିଆରସିଂ ପ୍ରମୁଖ ଉପସ୍ଥିତି ରହି ସମସ୍ତ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।

### ଫୁଲର ମଣିଷ ଗୟାଧର

# ପେଶା ବ୍ୟବସାୟ, ନିଶା ତାଙ୍କର ଗଛ ଲଗାଇବା

ପାରାଦୀପ, ୧୧।୧ (ସମିସ) :



ପବନର ଦୋଳିରେ ଝୁଲୁଛି ଜାତି ଜାତିର ଫୁଲ। ରଙ୍ଗ ବେରଙ୍ଗର ଫୁଲରେ ପୁରିଲା ପୁରିଲା ଦିଶୁଛି ପୁରା ପରିବେଶ।ଏହି ଫୁଲର ସମ୍ଭାର କେଉଁ ଉଦ୍ୟାନ କିମ୍ବା ମାଟିର ଛାତି ଉପରେ ଉଠିନି ବରଂ ଏହା ଘରର ଅଗଣା ଠାରୁ ଛାତ ପର୍ଯ୍ୟନ୍ତ ସମ୍ଭବ ହୋଇ ପାରିଛି।ଏହା ପଛରେ ରହିଛି ଜଣେ ପ୍ରକୃତି ପ୍ରେମୀ ଓ ଫୁଲ ପ୍ରେମୀ ମଣିଷଙ୍କ ଇଚ୍ଛା ଓ ପରିଶ୍ରମ। ପାରାଦୀପ ନିମିଢି ଗାଁର ଗୟାଧର ତରାଇ। ପିଲାବେଳୁ ଫୁଲ ପ୍ରତି ଥିବା ତାଙ୍କର ପ୍ରେମକୁ ୨୦୦୪ ମସିହାରୁ ଏକ ନିଶାରେ ବଦଳାଇ ଦେଇଛନ୍ତି।ଯେଉଁଠି ଯେତେବେଳେ ଯାହାବି ଫୁଲଗଛ ଚାରା ମିଳିଲା, ତାହାକୁ ଆଣି ନିଜ ଫୁଲ ବଗିଚାରେ ଲଗାନ୍ତି ଗୟାଧର। ସବୁଦିନ ନିଜ ବ୍ୟବସାୟ ପାଇଁ ବାହାରି ଯାଆନ୍ତି।ବେପାର ସରିଲେ ଘରକୁ ଫେରିଲେ ଲାଗି ପଡନ୍ତି ନିଜ ଛାତ ଉପରେ କରିଥିବା ଫୁଲ ବଗିଚାରେ। ଛାତ ଉପରେ ସେ ଶହେରୁ ଅଧିକ ପ୍ରକାରର ଫୁଲ ଗଛ ଲଗାଇଛନ୍ତି।ଫୁଲ ପ୍ରତି କେବଳ ଗୟାଧର ଙ୍କର ନୁହେଁ, ବରଂ ଫୁଲର ଯତ୍ନ ନେବା ପାଇଁ ଲାଗିପଡ଼ନ୍ତି ପୁରା ପରିବାର।ଫୁଲ ପ୍ରତି ଗୟାଧରଙ୍କର ଏହି ନିଆରା ଇଚ୍ଛା ଶକ୍ତି ଓ ଉଦ୍ୟମ ପାଇଁ ସେ ସ୍ଥାନୀୟ ଅଞ୍ଚଳରେ ସେ ଫୁଲ ମଣିଷ ଭାବରେ ମଧ୍ୟ ବେଶ ଜଣାଶୁଣା।ପାରାଦୀପ ଅଞ୍ଚଳରେ ହେଉଥିବା ବିଭିନ୍ନ ଫୁଲ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଫୁଲ ମାନଙ୍କ ମଧ୍ୟରେ ସବୁଠୁ ଆଗରେ ରହିଥାଏ ଗୟାଧର ତରାଇଙ୍କ କୃତ୍ରିମ ଫୁଲ ବଗିଚାର ଗୋଟିଏ ଫୁଲଟିଏ। ଯାହାକୁ ନେଇ ନିମିଢ଼ି ଗ୍ରାମବାସୀ ଖୁବ୍ ଗର୍ବ ଅନୁଭବ କରନ୍ତି। ଅପରାହ୍ନ ହେବା ପରଠାରୁ ସଞ୍ଜ ନଇଁବା ଯାଏଁ ଗୟାଧରଙ୍କ ଛାତ ଉପରେ ଥିବା କୃତ୍ରିମ ଫୁଲ ବଗିଚାରେ ଲାଗିଥାଏ ଲୋକଙ୍କ ଭିଡ଼।କିଏ ଫୁଲ ଦେଖିବା ସହିତ ଫୁଲ ସାଙ୍ଗରେ ସେଲଫି ନିଅନ୍ତି ତ୍ ଆଉ କିଏ ଫୁଲ ଦେଖିଦେଲେ ଆନନ୍ଦ ଉଲ୍ଲାସ ନିଅନ୍ତି। ଗ୍ରାମବାସୀଙ୍କ ସହିତ ଆଖ ପାଖର ଲୋକମାନେ ଛୁଟି ଆସନ୍ତି ଏହି କୃତ୍ରିମ ଫୁଲ ବଗିଚାକୁ ଦେଖିବା ପାଇଁ। ଗୟାଧରଙ୍କ ଏହି ଉଦ୍ୟମ ଦେଖି ଲୋକମାନଙ୍କ ମନରେ ଉତ୍ସାହ ଆସୁଛି ନିଜ ଛାତ ଉପରେ ଫୁଲ ଗଛ ଲଗାଇବା ପାଇଁ। ଗୟାଧରଙ୍କୁ ମାଗନ୍ତି ଫୁଲ ଚାରା।ସେ ମଧ୍ୟ ଦିଅନ୍ତି ଚାରା। ସେଥିପାଇଁ ବା ତାଙ୍କୁ କହନ୍ତି ସମସ୍ତେ ଫୁଲ ମଣିଷ ବୋଲି।ପେଶାରେ ସେ ଜଣେ ବ୍ୟବସାୟୀ, ମାତ୍ର ନିଶା ତାଙ୍କର ଫୁଲ ଲଗାଇବା।ନିଜ ପକେଟ୍ ରୁ ସେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଫୁଲ ଲଗାନ୍ତି।ଏହା ତାଙ୍କ ପାଇଁ ଏକ ସାଧନା କହିଲେ ଚଳେ।ତାଙ୍କ ବଗିଚାକୁ ଯିଏ ଆସୁଛନ୍ତି ଦେଖିବା ପାଇଁ ତାଙ୍କୁ ମଧ୍ୟ ସେ ଫୁଲ ଲଗାଇବାକୁ ଓ ପରିବେଶ ସୁନ୍ଦର ରଖିବାକୁ ବାର୍ତ୍ତା ଦେଉଛନ୍ତି।ଯେଉଁଥିପାଇଁ ତାଙ୍କୁ ବିଭିନ୍ନ ଆଡୁ ପ୍ରଶଂସା ମିଳୁଛି।ତେବେ ଗୟାଧରଙ୍କ ଏ ନିଆରା ଉଦ୍ୟମ ପରିବେଶ ର ସୁରକ୍ଷା ଓ ପ୍ରକୃତିର ସନ୍ତୁଳନ ପାଇଁ ବେଶ୍ ସହାୟକ ହେଉଥିବାବେଳେ ପୁନଶ୍ଚ ପୃଥିବୀର ଉଦ୍ଦେଶ୍ୟକୁ ଆଉ ଦୁଇ ପାଦ ଆଗେଇ ନେଉଛି। ଏଥି ପାଇଁ ଗୟାଧରଙ୍କୁ କୌଣସି ସରକାରୀ ସହଯୋଗ ମିଳେ ନାହିଁ, ସେ ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରି ସମସ୍ତ ଖର୍ଚ୍ଚ କରିଥାନ୍ତି ବୋଲି କହିଛନ୍ତି ଗୟାଧର।

# ଦିବ୍ୟାଙ୍ଗଙ୍କୁ ସହାୟତା



ଆଲି, ୧୧।୧(ସମିସ): ଆଲି ବ୍ଲକ ଅନ୍ତର୍ଗତ ମହୁ ଗ୍ରାମର ଦିବ୍ୟାଙ୍ଗ କିରଣ ସ୍ୱାଇଁଙ୍କୁ କଳିଙ୍ଗ ନବଦିଗନ୍ତ ସଂଗଠନର ସଭାପତି ବିଜୟ ଦାସ ନେତୃତ୍ୱରେ ସଂଗଠନର କିଛି ସଦସ୍ୟ ସହାୟତା ପ୍ରଦାନ କରିଛନ୍ତି। ସେମାନେ କିରଣ ସ୍ୱାଇଁଙ୍କ ମହୁ ବାସଭବନରେ ଭେଟି ସମ୍ପୂର୍ଣ୍ଣ ଘଟଣା ବିଷୟରେ ଆଲୋଚନା କରିଥିଲେ। ପରିବାରକୁ ସମବେଦନା ଜଣାଇବା ସହ କିଛି ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କିପରି ଭାବେ ସେ ସମ୍ପୂର୍ଣ୍ଣ ସୁସ୍ଥହେବେ ଏବଂ ତାଙ୍କ ପରିବାର କିପରି ଭାବରେ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବ ସେନେଇ ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇବା ପାଇଁ ସଂଗଠନର ସଭାପତି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସଂଗଠନର ସମ୍ପାଦକ ପ୍ରକାଶ ମହାନ୍ତି, କୋଷାଧ୍ୟକ୍ଷ ଦାଶରଥି ସାହୁ, ଗୟାଧର ଧଳ, ଶିଶିର ଓଝା, ରଶ୍ମିରଞ୍ଜନ ସାମଲ, ସନ୍ତୋଷ କୁମାର ତରାଇ, ବାବାଜୀ ଦାସ, ଅନ୍ତର୍ଯ୍ୟାମୀ କୁଣ୍ଡ, ପ୍ରବିର କୁମାର ରଥ, ଅଖିଳ ସୁତାର, କାଳିପ୍ରସାଦ ନାୟକ, କିଶୋର ସାହୁ ଓ ସୋନାଲି ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ପଞ୍ଚୁପାଣ୍ଡବ-ସଦାନନ୍ଦପୁର ରାସ୍ତା ଅଧପନ୍ତରିଆ

# ପ୍ରଶାସନର ଅବହେଳା, ଲୋକେ ହୀନସ୍ତା

ପଞ୍ଚୁପାଣ୍ଡବ, ୧୧।୧(ସମିସ):



ପାରାଦୀପ - ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକଠାରୁ ସଦାନନ୍ଦପୁର ଛକ ପର୍ଯ୍ୟନ୍ତ ରାସ୍ତାର ଅଧା ପିଚୁକାମ ହୋଇ ଅଧା ପଡ଼ିରହିଛି।ଏହି ରାସ୍ତା ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଥିଲା ବେଳେ ଏହାର ପଞ୍ଚୁପାଣ୍ଡବ ଛକଠାରୁ ଯାଜପୁର ଜିଲ୍ଲାର ଭରତପୁର ଗ୍ରାମର ମୁସଲିମ ସାହି ପର୍ଯ୍ୟନ୍ତ ପିଚୁ କାମହୋଇ ପ୍ରାୟ ଦୁଇ ମାସ ହେଲା ପଡ଼ିରହିଛି। ଭରତପୁରରୁ ସଦାନନ୍ଦପୁର ଛକ ପର୍ଯ୍ୟନ୍ତ ରାସ୍ତା ଖାଲ ଖମାରେ ପଡ଼ିରହିଛି।ଏହି ରାସ୍ତାରେ ଶହ ଶହ ଖାଲ ହୋଇଥିବାରୁ ଯାତାୟତରେ ବିଭିନ୍ନ ସମସ୍ୟା ହେଉଥିବା ଅଞ୍ଚଳବାସୀ କହିଛନ୍ତି।ଏହି ରାସ୍ତା ଦେଇ କଟକ, ଭୁବନେଶ୍ୱରକୁ ଯାତାୟାତ କରୁଥିବା ଯାତ୍ରୀବାହୀ ତିନୋଟି ବସ୍ ସହ ହଜାର ହଜାର ସଂଖ୍ୟାରେ ଗାଡ଼ି ମଟର ଚଳାଚଳ କରିବାରେ ବିଭିନ୍ନ ସମସ୍ୟାର ସାମ୍ନା କରିବାକୁ ପଡୁଥିବା ନେଇ ବସ୍ ଚାଳକ କହିଛନ୍ତି। ଏହି ରାସ୍ତା ଦେଇ ସ୍କୁଲ, କଲେଜକୁ ଯାତାୟାତ କରୁଥିବା ଛାତ୍ରଛାତ୍ରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତାଟି କେନ୍ଦ୍ରାପଡ଼ା ଏବଂ ଯାଜପୁର ଜିଲ୍ଲା ଅଧିନରେ ଥିବା ବେଳେ ଦୁଇ ଜିଲ୍ଲାର ପ୍ରଶାସନ ଅଧିକାରୀଙ୍କ ମନମାନିକୁ ଅଞ୍ଚଳବାସୀ ନିନ୍ଦା କରିଛନ୍ତି।ଏହାର ତଦନ୍ତ କରାଯାଇ ଯେତେ ଶୀଘ୍ର ଅଧୁରା ଥିବା ରାସ୍ତାକୁ ସମ୍ପୂର୍ଣ୍ଣ କରିବା ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି।

# 'ସାଧାରଣ ଲୋକଙ୍କ ଭିତରେ ଅସାଧାରଣ ଥିଲେ ବାଞ୍ଛାନିଧି'

ରାଜକନିକା, ୧୧।୧ (ସମିସ): ନିଜ ଜୀବନର ଶେଷ ପର୍ଯ୍ୟନ୍ତ ଦୀର୍ଘ ୯ ୯ ବର୍ଷ ବୟସ ଯାଏ ଖଦୀକୁ ନିଜର ବେଶଭୁଷାରେ ବ୍ୟବହାର କରି ସାଧାରଣ ମଣିଷଙ୍କ ଭିତରେ ବେଶ ଅସାଧାରଣ ଥିଲେ ବାଞ୍ଛାନିଧି ନାୟକ। ସତୁରି ଅଶୀ ଦଶକରେ ଗାଁ ଗହଳିରୁ କଟକ ବଡ଼ ମେଡିକାଲକୁ ଯାଉଥିବା ପ୍ରତ୍ୟକ ଲୋକଙ୍କୁ ନିଜ କର୍ମମୟ ଜୀବନ ଭିତରେ ସମୟ ବାହାର କରି ସେବା ଯୋଗାଉଥିଲେ। ଆଜି ଏକାଦଶାହ ସ୍ମୃତି ସଭାରେ ବାଞ୍ଛାନିଧିଙ୍କୁ ସମସ୍ତ ଅତିଥି ଓ ବକ୍ତାମାନେ ପ୍ରଶଂସା କରିଥିଲେ। ପ୍ରଜା ସୋସାଲିଷ୍ଟର ଆଦର୍ଶରେ ସାମିଲ ହୋଇ ଓଡ଼ିଶା ଥିଏଟର ଦ୍ୱାରା ବହୁ ଚର୍ଚ୍ଚିତ ଭାତ ନାଟକ ପରିବେଷଣ କରାଇ ଜନ ଜାଗରଣ ସୃଷ୍ଟି କରିଥିଲେ ସେ।ପିମ୍ପୁଡି ଗାଁରେ ଆଜି ଖଦୀ ମଣିଷ ଭାବେ ପରିଚିତ ବାଞ୍ଛାନିଧି ନାୟକଙ୍କର ଏକାଦଶାହ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ମୃତ୍ୟୁଞ୍ଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ଚାରଣରେ କମ୍ୟୁନିଷ୍ଟ ନେତା କାଳୀ ପ୍ରସାଦ ନାୟକ, ବିଧାନ ଦାସ, କଂଗ୍ରେସ ନେତା ମଙ୍ଗୁଳି ଚରଣ ବେହେରା, ବିଜେଡି ନେତା ବିକାଶ ଦାସ, କପିଳ ମଲିକ, ଶିକ୍ଷକ ଦୀନବନ୍ଧୁ ବାରିକ, ସଞ୍ଜୟ ସାମଲ, ପ୍ରଭାତ ବାରିକ, ଅଞ୍ଜନ ଦାସ, ରତିକାନ୍ତ ଦାସ, ରଞ୍ଜନ ମଲିକ, ଚୈତନ୍ୟ ନାୟକ, ନବକିଶୋର ସୁତାର, ପ୍ରଦ୍ୟୋଷ ଦାଶ, ବିଜୟ ନାୟକ, ନୟୁମ ଖାଁ, ଜଗନ୍ନାଥ ସାହୁ, ଅମର ବେହେରା, ଅନନ୍ତ ରାଉତ, ସଦାଶିବ ଖଟୁଆ, ସତ୍ୟବାନ ବିଶ୍ୱାଳ ପ୍ରମୁଖ ପରଲୋକଗତ ବାଞ୍ଛାନିଧିଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ଓ ସାମାଜିକ ଦାୟିତ୍ୱବୋଧର ପ୍ରଶଂସା କରି ତାଙ୍କ ପଦାଙ୍କ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ।

# ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ଆଲୁମ୍ନି ଆସୋସିଏସନ ବୈଠକ



କେନ୍ଦ୍ରାପଡ଼ା, ୧୧।୧(ସମିସ): କେନ୍ଦ୍ରାପଡ଼ା ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ବୈଠକର ସଭାପତି ଆଡଭୋକେଟ ପ୍ରଦୀପ ଦାଶଙ୍କ ପୌରୋହିତ୍ୟରେ ଏକ କାର୍ଯ୍ୟାଳୟ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ପରିଚାଳନା ପରିଷଦ ସଭାପତି ସୁଜିତ କୁମାର ମହାନ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଉପଦେଷ୍ଟା ଡ଼ ଭଗବତୀ ପ୍ରସାଦ ଦାସ, ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ରବୀନ୍ଦ୍ର କୁମାର ବଳଙ୍କ ଉପସ୍ଥିତିରେ ସମ୍ପାଦକ ଶାନ୍ତି ସ୍ୱରୂପ ଭୂୟାଁ, ସେକ ଆଜିମୁଦ୍ଦିନ, ସୁଶାନ୍ତ ମହାନ୍ତି, ଶାରଦା ନାୟକ, ବିଭୁତି କର, ମମତା ସାମଲ, ସୁଶ୍ରୀ ନାୟକ, ଖଗେଶ୍ୱର ଲେଙ୍କା, ପ୍ରତାପ ଦାସ, ବ୍ରଜ ସୁନ୍ଦର ରାଉତ, ଅମ୍ରିତା ମିଶ୍ର, ରାଜକିଶୋର ମହାନ୍ତି, ପ୍ରଦ୍ୟୁମ୍ନ ରାଉତ, ହାଡିବନ୍ଧୁ ସିଂ, ଧନେଶ୍ୱର ସାହୁ, ନିହାରିକା ଦାସ ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ସଭ୍ୟ ସଂଗ୍ରହ ଓ ପ୍ରତ୍ୟେକ ମାସରେ ନିୟମିତ ବୈଠକ କରାଯାଇ ମହାବିଦ୍ୟାଳୟର ଉନ୍ନତି ନିମନ୍ତେ କାର୍ଯ୍ୟ କରିବାକୁ ଶପଥ ନେଲେ।

# ଭାରତମାଳା ରାଜପଥ ପରିଯୋଜନା ପରିବେଶ ଜନଶୁଣାଣି ଶିବର



ମହାକାଳପଡ଼ା, ୧୧।୧ (ସମିସ): ଭାରତମାଳା ରାଜପଥ ପରିଯୋଜନାର ପରିବେଶ ପ୍ରଦୂଷଣ ଜନଶୁଣାଣି ଶିବିର ମହାକାଳପଡ଼ା ତହସିଲ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ରାଜ୍ୟ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପାରାଦୀପ କାର୍ଯ୍ୟାଳୟର ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ଯୋଗଦେଇ ଉପସ୍ଥିତ ଜନ ସାଧାରଣଙ୍କ ସହିତ ମତ ବିନିମୟ କରିଥିଲେ।ଏହି ଜାତୀୟ ରାଜପଥ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ୨୧ ଗୋଟି ଗ୍ରାମର ୧୦୦ ହେକ୍ଟର ରୁ ଉର୍ଦ୍ଧ୍ୱ ଜମି ଯାଉଥିବାରୁ ପରିବେଶ ପ୍ରଦୁଷଣ ମଞ୍ଜୁର ପାଇଁ ଏହି ଜନଶୁଣାଣୀ ରେ ରାଜ୍ୟ ପ୍ରଦୁଷଣ ଅଧିକାରୀ, ଜାତୀୟ ରାଜପଥ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଯୋଗଦେଇ ଅଭିଯୋଗ ଗ୍ରହଣ କରିବା ସହିତ ଶୁଣାଣୀ କରିଥିଲେ। ଜାତୀୟ ରାଜପଥ ପ୍ରୋଜେକ୍ଟ ଡାଇରେକ୍ଟର ନାଗେଶ୍ୱର ରାଓ, ଜେନେରାଲ ମ୍ୟାନେଜର ଉମାକାନ୍ତ ପାଣି, ପ୍ରକଳ୍ପ ମ୍ୟାନେଜର ପଙ୍କଜ ସିଂଘାଲ ପ୍ରମୁଖ ଉପସ୍ଥିତ ଥିଲେ। ଜନଶୁଣାଣି ହେବା ନେଇ ସଠିକ ଭାବରେ ସୂଚନା ପ୍ରଦାନ କରାଯାଇ ନ ଥିବାରୁ ପ୍ରସ୍ତାବିତ ଅଞ୍ଚଳର ଶଶିକାନ୍ତ ମହାନ୍ତି, ଦିଲୀପ ବେହେରା, ଦେବି ପ୍ରସାଦ ମିଶ୍ର, ପ୍ରକାଶ ବେହେରା, ସତ୍ୟାନନ୍ଦ ମହାନ୍ତି, ଆକୁଳି ଖଟୁଆ, ବାବାଜୀ କୁଣ୍ଡୁ, ସହଦେବ ସାମନ୍ତରାୟ ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ଶହେ ବର୍ଷରେ କର୍ମଚଞ୍ଚଳ ଗୋସେଇଁ ଗୁରୁ



କୁଜଙ୍ଗ, ୧୧।୧(ସମିସ): କୁଜଙ୍ଗ ବ୍ଲକ ପଙ୍କପାଳ ନିବାସୀ ହରେକୃଷ୍ଣ ଦାଶ(୧୦୦) ବର୍ଷ ପୁରି ଗଲାଣି। ଶହେ ବର୍ଷରେ କର୍ମ ଚଞ୍ଚଳ ହୋଇ ନିକ କାମ ନିଜେ କରି ଅଞ୍ଚଳରେ ଗୋସେଇଁ ଗୁରୁ ରୂପେ ପରିଚିତ ସ୍ୱର୍ଗତ କୃପାସିନ୍ଧୁ ଦାଶଙ୍କ ସାନ ପୁଅ ହରେକୃଷ୍ଣ। ତାଙ୍କର ଜନ୍ମ ୧୯୨୫ ଜାନୁଆରୀ ୧୨ରେ। ହରିଙ୍କୁ ପୂଜା କରି ପୁଅ ପାଇ ଥିବାରୁ ତାଙ୍କ ନାମ ହରି। ଗାଁ ଚାଟଶାଳୀ ପାଠ ପରେ କୃଷୀ ଓ ଶାସ୍ତ୍ର ଅଧ୍ୟୟନ ପ୍ରତି ମନୋନୀବେଶ କରିବା ଶହ ନିଜକୁ ସେହି ସମୟରେ ଜଣେ ଗୋସେଇଁ ଗୁରୁ ରୂପେ ପ୍ରତିଷ୍ଠା କରିବା ସହ ବହୁ ଯୁବକଙ୍କୁ ନାମ ସ୍ମରଣ ସହ ଆଧ୍ୟାୟ ପ୍ରତି ଆକର୍ଷିତ କରିବା ତା ର ପ୍ରମୁଖ କାମ ଥିଲା। ୪ଝିଅ ଓ ଦୁଇ ପୁଅଙ୍କୁ ମଣିଷ କରିବା ଶହ ଏବେ ପୁଅ ପାଖରେ ଭୁବେଶ୍ୱରରେ ରହୁଛନ୍ତି ହରି ଗୋସେଇଁ। ପତ୍ନୀ ନେତ୍ରମଣି ଆରପାରିକୁ ପାଞ୍ଚ ବର୍ଷ ହେଲା ଗଲେଣି। ମାତ୍ର ସରଳ ଜୀବନ, ସ୍ୱଳ୍ପ ହାର, ପ୍ରତ୍ୟହ ଚାଲିବା, ମୃଦୁ ଭାଷୀ ହରି ଗୋସେଇଁ ଶତାୟୁ ହୋଇ ବି ସିଧା ଚାଲିବା, ବଡ଼ପାଟିରେ ହସିବା, ସ୍ୱଳ୍ପରେ ସନ୍ତୁଷ୍ଟ ହେବା ଓ ପରିବାରକୁ ଜୀବନଠୁ ଅଧିକ ଭଲ ପାଇବା ତାଙ୍କ ସୁସ୍ଥତାର ରହସ୍ୟ ବୋଲି ସେ କହିଛନ୍ତି। ସେ ବାର୍ଦ୍ଧକ୍ୟରେ ପହଞ୍ଚିଥିଲେ ବି ଯୁବସୁଲଭ ଗୁଣ ପାଇଁ ସେ ସମସ୍ତଙ୍କର ଲୋକପ୍ରିୟ ହୋଇଥିବା ଜଣାପଡ଼ିଛି।

# ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ଡେରାବିଶ, ୧୧।୧(ସମିସ): ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ଏଚଏନଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରକ ଅଧ୍ୟକ୍ଷ ଅକ୍ଷୟ କୁମାର ବଳ ଉଦ୍‌ଘାଟନ କରିବା ସହିତ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମର ଯୋଜନା ଅଧିକାରୀ ଅଧ୍ୟାପିକା ସ୍ମୃତି ଶ୍ରାବଣୀ ମଞ୍ଚ ସଂଯୋଜନା କରିଥିଲେ। ବରିଷ୍ଠ ଅଧ୍ୟାପିକା ସୁକନ୍ୟା ମହାନ୍ତି, ମିନାକ୍ଷୀ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

ଏହି ତାଲିମ ଶିବିର ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ବିଦ୍ୟାଳୟର ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିବେ। ପ୍ରଶିକ୍ଷିକା ଭାବେ ଆଦ୍ୟାଶା ଲେଙ୍କା ଓ ଅପର୍ଣ୍ଣା ସାମନ୍ତରାୟ କାର୍ଯ୍ୟନିର୍ବାହ କରିବେ। ଏହି ସଭାକୁ ଅଧ୍ୟାପକ ପ୍ରଦୀପ ରାଉତ, ଶଶୀଭୂଷଣ ଜେନା ପରିଚାଳନା କରିଥିବା ବେଳେ ଅଧ୍ୟାପିକା ମନୀଷା ମହାରଣା, ଜ୍ୟୋତିର୍ମୀ ନାଥଶର୍ମା, ଅପର୍ଣ୍ଣା ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ମନୀଷା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# କୁହୁଡ଼ି ପ୍ରାଥମିକ କୃଷି ସମବାୟ ସମିତିରେ ମଣ୍ଡି ଉଦ୍‌ଘାଟିତ



ମାର୍ଶାଘାଇ, ୧୧।୧(ସମିସ):ମାର୍ଶାଘାଇ ବ୍ଲକ କୁହୁଡ଼ି ପ୍ରାଥମିକ କୃଷି ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସମବାୟ ସମିତି ସଭାପତି ଅଜୟ କୁମାର ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ସମବାୟ ସମ୍ପାଦକ ଏସକେ ସକିଲଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୋଡ଼ାଲ ଅଧିକାରୀ ଜୟରାମ ବେହେରା, ଉପସଭାନେତ୍ରୀ ଭକ୍ତିଲତା ପରିଡ଼ାଙ୍କ ସମେତ ୧୫ଜଣ ନିର୍ଦ୍ଦେଶକ ଏବଂ ଧାନବିକ୍ରି କମିଟି ସଦସ୍ୟ ମାନେ ଉପସ୍ଥିତ ଥିଲେ। ଚାଷୀଙ୍କ ନିକଟରୁ ସରକାରୀ ଧାର୍ଯ୍ୟମୂଲ୍ୟରେ ଧାନ ଯେପରି କ୍ରୟ କରାଯିବ ତାହାଉପରେ ସଭାପତି ଶ୍ରୀ ଦାସ ଏବଂ ନୋଡ଼ାଲ ଅଧିକାରୀ ଶ୍ରୀ ବେହେରା ଗୁରୁତ୍ୱାରୋପ କରିଥିଲେ। ୨ ପଞ୍ଚାୟତ କୁହୁଡ଼ି ଏବଂ ଅଙ୍ଗୁଳାଇ ପଞ୍ଚାୟତ ୫୪୮ ଜଣ ଚାଷୀ ଧାନ ବିକ୍ରି କରିବାକୁ ଅନ୍‌ଲାଇନ ଆବେଦନ କରି ନାମ ପଞ୍ଜୀକରଣ କରିଛନ୍ତି। ଚାଷୀଙ୍କଠାରୁ ୧୬ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଥିବା ସମ୍ପାଦକ ଏସ୍‌କେ ସକିଲ ପ୍ରକାଶ କରିଛନ୍ତି।

# ଆଜି ଯମପଡ଼ା ମେଗା ସ୍ୱାସ୍ଥ୍ୟ ଶିବିର

ମାର୍ଶାଘାଇ, ୧୧।୧(ସମିସ): ମାର୍ଶାଘାଇ ବ୍ଲକ ଯମପଡ଼ା ଉଚ୍ଚବିଦ୍ୟାଳୟ ପରିସରରେ ଏକ ମେଗା ସ୍ୱାସ୍ଥ୍ୟସେବା ଶିବିର ୧୨ ତାରିଖ ରବିବାର ଦିନ ଆୟୋଜିତ ହେବ। କିମ୍ସ ମେଡିକାଲ ପକ୍ଷରୁ ଏହି ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯିବ ବୋଲି ଯମପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ କିମ୍ସର ଡେପୁଟି ମେଡିକାଲ ସୁପରିଟେଣ୍ଡେଣ୍ଟ ତଥା କ୍ରିଟିକାଲ କେୟାର ବିଶେଷଜ୍ଞ ଡାକ୍ତର ହରିଶ କୁମାର ଚୌଧୁରୀ, କିମ୍ସର ସ୍ୱତନ୍ତ୍ର ପ୍ରତିନିଧି ଦିଲ୍ଲୀପ କୁମାର ନାୟକ ଯୋଗ ଦେଇ ସୂଚନା ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ଶିବିରରେ ନିଃଶୁଳ୍କ ପରୀକ୍ଷା କରାଯିବା ସହିତ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ବିତରଣ କରାଯିବ। ମାର୍ଶାଘାଇ ବ୍ଲକ ସମେତ ଗରଦପୁର, ଡେରାବିଶ, କେନ୍ଦ୍ରାପଡ଼ା ବ୍ଲକର ଲୋକେ ଅଧିକରୁ ଅଧିକ ଯୋଗଦେଇ ସ୍ୱାସ୍ଥ୍ୟ ପରାମର୍ଶ ସୁବିଧା ହାସଲ କରିବାକୁ ଯମପଡ଼ା ସରପଞ୍ଚ ମନୋଜ କୁମାର ପରିଡ଼ା, ଯମପଡ଼ା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସ୍ୱାଇଁ ନିବେଦନ କରିଥିଲେ। କଳିଙ୍ଗ ଟିଭି ପ୍ରତିନିଧି ସରୋଜ ପରିଡ଼ା ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଗରଜଙ୍ଗା ସମିତିରେ ଏଫ୍‌ଏକ୍ୟୁ ଧାନ ଚିହ୍ନଟ ପ୍ରଶିକ୍ଷଣ ଶିବିର

ମାର୍ଶାଘାଇ, ୧୧।୧(ସମିସ): ପରିଷ୍କାର ଏବଂ ସଠିକ ପରିମାଣର ଶୁଖିଲାଧାନ ଏଫଏକ୍ୟୁ ଭାବେ ବିବେଚିତ ହୋଇଥାଏ। ତେଣୁ ଚାଷୀମାନେ ମଣ୍ଡିକୁ ଧାନ ଆଣିବା ପୂର୍ବରୁ ନିଜ ଘରେ ଧାନକୁ ପରୀକ୍ଷା କରି ଏଫଏକ୍ୟୁମାନ ଚିହ୍ନଟ କରିବା ନେଇ ଏକ ଧାନ ଚିହ୍ନଟ ପ୍ରଶିକ୍ଷଣ ଶିବିର ଶୁକ୍ରବାର ମାର୍ଶାଘାଇ ବ୍ଲକ ଗରଜଙ୍ଗା ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଅନୁଷ୍ଠିତ ହୋଇଥିଲା। ମାର୍ଶାଘାଇ ବ୍ଲକ ବିଡ଼ିଓ ପଞ୍ଚାନନ ମଲିକ ଶିବିରକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରାପଡ଼ା ସମବାୟ ସହକାରୀ ଉପନିବନ୍ଧକ ଅଜୟ କୁମାର ରାଉତ ଶିବିର ପରିଚାଳନା କରିଥିଲେ। ଜିଲ୍ଲା ସହକାରୀ ଯୋଗାଣ ଅଧିକାରୀ ପୁନମ ଜେନା ପ୍ରଶିକ୍ଷିକା ଭାବେ ଯୋଗଦେଇ ଧାନମଣ୍ଡିରେ ଚାଷୀମାନଙ୍କ ଧାନ କ୍ରୟ ନେଇ ସରକାରୀ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।କ୍ୱାଲିଟି ଅନାଲିଷ୍ଟ ମୃଣ୍ମୟୀ ସନ୍ଧିବିଗ୍ରହ ଧାନର ଗୁଣବତ୍ତା ଚିହ୍ନଟର ସହଜ ପ୍ରଣାଳୀ ସମ୍ପର୍କରେ ସୂଚନା ଦେଇଥିଲ। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରେୟାଂଶୁ କର, ମାର୍ଶାଘାଇ ବ୍ଲକ ଯୋଗାଣ ନିରୀକ୍ଷିକା ଅଳକାରାଣୀ ମଲିକ, ବ୍ଲକ ସମବାୟ ନିରୀକ୍ଷିକା ମାମୁନି ବେହେରା ମଞ୍ଚାସୀନ ଥିଲେ। ଦଶିପୁର ସରପଞ୍ଚ ବିକ୍ରମ କେଶରୀ ଦାଶ, ଦୁମୁକା ସମବାୟ ସମିତି ସଭାପତି ସତ୍ୟ ନାରାୟଣ ନାୟକ, ସୁଶାନ୍ତ କୁମାର ଜେନା, ମନୋଜ କୁମାର ସ୍ୱାଇଁ,



ନିର୍ଦ୍ଦେଶକ ଗୋପୀନାଥ ବେହେରା, ଗରଜଙ୍ଗା ସରପଞ୍ଚ କାଦମ୍ବିନୀ ଦାସ, ଗରଜଙ୍ଗା ସମିତି ସଭାପତି ସୁରେଶ ଦାସ, ସମିତି ସଭ୍ୟ ତଥା ନିର୍ଦ୍ଦେଶକ ଶରତ ଚନ୍ଦ୍ର ପ୍ରଧାନ, ନିର୍ଦ୍ଦେଶକ ସତ୍ୟପ୍ରକାଶ ଦାସ, ପ୍ରଫୁଲ୍ଲ କୁମାର ଦାସ, ବନଲତା ନାୟକ, ପ୍ରଣବ ସାମଲ, ରଞ୍ଜନ ମହାପାତ୍ର, ସଚ୍ଚିଦାନନ୍ଦ ବେହେରା, ଈଶ୍ୱର ଦାସ, କେଶବ ସେଠୀ, ଦୁଷ୍ମନ୍ତ ନାୟକ, ପୂର୍ବତନ ସରପଞ୍ଚ ବିପୁଳ ନାୟକ, ବଟିରା ସମବାୟ ସମିତି ସଭାପତି ବିଭୁତି ଭୂଷଣ ଦାସ, ସମ୍ପାଦକ ପ୍ରଦୀପ୍ତ କୁମାର ସେନାପତି, ମଙ୍ଗରାଜପୁର ପୂର୍ବତନ ସରପଞ୍ଚ ତଥା ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ଦାସ, ପୂର୍ବତନ ସରପଞ୍ଚ ପ୍ରଦୀପ ନାୟକ, ଅନ୍ତେଇ ସମବାୟ ସମିତି ସଭାପତି ସୁବୋଧ ମହାପାତ୍ର, ସମ୍ପାଦକ ସଞ୍ଜୟ ଦାସ, ଗ୍ରାମ୍ୟ କୃଷି କର୍ମୀ ଅନୁପମା ପାତ୍ର, ମନୋରମା ସାହୁ, ମିଟୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଗରଜଙ୍ଗା ସମବାୟ ସମିତି ସମ୍ପାଦକ ହିମାଂଶୁ ଶେଖର ନାୟକ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ସହ ସମ୍ପାଦକ ଅନିଲ ଷଡ଼ଙ୍ଗୀ, ଡିଇଓ ବିଶ୍ୱରଞ୍ଜନ ପରିଡ଼ା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ● ସୁଭଦ୍ରା ଯୋଜନାରେ 'ଅପ୍ଟ ଆଉଟ୍'ଙ୍କୁ ସୁଯୋଗ

# ପୁଣିଥରେ ହୋଇପାରିବେ 'ଅପ୍ଟ ଇନ୍'

କେନ୍ଦ୍ରାପଡ଼ା, ୧୧।୧(ସମିସ): ସୁଭଦ୍ରା ଯୋଜନାରୁ ସ୍?ତଃ ପ୍ରବୃତ୍ତ ଭାବେ ଯେଉଁମାନେ ଅପ୍ଟ ଆଉଟ ମାଧ୍ୟମରେ ପ୍ରସ୍ଥାନ ହୋଇଥିଲେ ସେହି ଅବେଦନକାରୀମାନେ ନିଜର ଇଚ୍ଛା ମୁତାବକ ପୁନର୍ବାର ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯଦି ଇଚ୍ଛା ପ୍ରକାଶ କରନ୍ତି, ତେବେ ସୁଭଦ୍ରା ୱେବ ପୋର୍ଟାଲରେ ଉପଲବ୍ଧ ଅପ୍ଟ ଇନ ମାଧ୍ୟମରେ ସେମାନଙ୍କର ଆବେଦନ ପତ୍ରକୁ ପୁନଶ୍ଚ ପ୍ରବେଶ କରାଇପାରିବେ।

ସର୍ବମୋଟ ଜିଲ୍ଲାରେ ୯୮୯ ସୁଭଦ୍ରା ଯୋଜନାରେ ପଞ୍ଜୀକୃତ ହୋଇଥିବା ହିତାଧିକାରୀ ଭୁଲକ୍ରମେ ଅପ୍ଟ ଆଉଟ ହୋଇଯାଇଥିବା ବେଳେ ଅପ୍ଟ ଆଉଟ ହୋଇଥିବା ପ୍ରତ୍ୟେକ ହିତାଧିକାରୀମାନଙ୍କୁ ସିଧାସଳଖ ଯୋଗାଯୋଗ କରି ସୁଭଦ୍ରା ୱେବ ପୋର୍ଟାଲରେ ଉପଲବ୍ଧ ଅପ୍ଟ ଇନ ମାଧ୍ୟମରେ ସେମାନଙ୍କର ଆବେଦନ ପତ୍ରକୁ ପୁନଶ୍ଚ ପ୍ରବେଶ କରାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଜିଲ୍ଲାସ୍ତରୀୟ ସିନିୟର୍ ଆନ୍ତଃକ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ସୁପର ଲିଗ୍ ମ୍ୟାଚ୍‌ରେ ଇଲେଭେନ୍ ଷ୍ଟାର୍ ବିଜୟୀ

କେନ୍ଦ୍ରାପଡ଼ା, ୧୧।୧(ସମିସ):




କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଓ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡ଼ିୟମରେ ଚାଲିଥିବା ଜିଲ୍ଲାସ୍ତରୀୟ ଆନ୍ତଃକ୍ଲବ୍ ସୁପର ଲିଗ୍‌ର ୧୯ତମ ମ୍ୟାଚ୍‌ରେ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ବିଜୟୀ ହୋଇଛି। ଶନିବାର ଇଲେଭେନ ଷ୍ଟାର କ୍ରିକେଟ୍ କ୍ଲବ୍ ଓ କେନ୍ଦ୍ରାପଡ଼ା ଟାଇଗର୍ସ କ୍ରିକେଟ୍ କ୍ଲବ୍ ମଧ୍ୟରେ ସୁପର ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଟାଇଗର୍ସ କ୍ରିକେଟ୍ କ୍ଲବ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଆମନ୍ତ୍ରଣ ପାଇ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୬ ୱିକେଟ୍ ବିନିମୟରେ ୨୨୧ ରନ୍ କରିଥିଲା। ଜବାବରେ ଟାଇଗର୍ସ କ୍ରିକେଟ୍ କ୍ଲବ୍ ୪୦ ଓଭରରେ ୯ ୱିକେଟ୍ ବିନିମୟରେ ୧୪୪ ରନ୍ କରିଥିଲା। ଫଳରେ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ୭୭ ରନ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ଇଲେଭେନ ଷ୍ଟାର କ୍ରିକେଟ କ୍ଲବର ସୌମିତ୍ର କୁମାର ବିଶ୍ୱାଳ ବ୍ୟାଟିଂ କରି ୮ଟି ଚୌକା ସହ ୭୨ ବଲ୍‌ରେ ୬୬ ରନ୍ କରିଥିବାବେଳେ ୭ ଓଭର ବୋଲିଂ କରି ୧୨ ରନ ଦେଇ ୩ଟି ୱିକେଟ୍ ନେଇ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏ ଅବସରରେ ପୂର୍ବତନ କ୍ରିକେଟର୍ ତଥା ଆଇନଜୀବୀ ମମତାମୟୀ ସାମଲ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ବିଶ୍ୱଜିତ ଅଧିକାରୀ ଓ ଲଳିତେଣ୍ଡୁ ପଣ୍ଡା ଖେଳ ପରିଚାଳନା କରିଥିଲେ। ଚିରଞ୍ଜୀବୀ ବଳ ଓ ଏସ୍‌କେ ମିନାଜୁଦ୍ଦିନ୍ ସ୍କୋରର ଥିଲେ। ବରଦାକାନ୍ତ ବରାଳ ଧାରା ବିବରଣୀ ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଆକବର ଅଲ୍ଲୀ ଖାନ, କାର୍ତ୍ତିକ ସାହୁ, ଦୀପକ ବାରିକ, ସମୀର ମହାପାତ୍ର ସହଯୋଗ କରିଥିଲେ।

# ବିଜେପି ସଭାପତି ଅଶ୍ୱିନୀଙ୍କୁ ସମ୍ବର୍ଦ୍ଧନା

ଡେରାବିଶ, ୧୧।୧(ସମିସ): ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅର୍ନ୍ତଗତ ଛତା ସ୍ଥିତ ଚାଟେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ବ୍ଲକ ଅନ୍ତର୍ଗତ ୧୨ ନମ୍ବର ଜୋନ୍ ବିଜେପି ଦଳର ନବନିର୍ବାଚିତ ସଭାପତି ଭାବେ ଅଶ୍ୱିନୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଜୋନ୍‌ର ପୂର୍ବତନ ସଭାପତି କ୍ଷୀରୋଦ ଚନ୍ଦ୍ର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ସମ୍ପାଦିକା ମନିଷା ପଣ୍ଡା, ବରିଷ୍ଠ ନେତୃତ୍ୱ ମାନସ ରଞ୍ଜନ ହୋତା, ପ୍ରଶନ୍ନ କୁମାର ମିଶ୍ର, ଭଗବାନ ସାହୁ, ଅଜୟ ପ୍ରଧାନ, ସୌମ୍ୟ ରଞ୍ଜନ ଚାନ୍ଦ, ବେଦଭୂଷଣ ମିଶ୍ର, ସୁଦର୍ଶନ ସାହୁ, ଗଜେନ୍ଦ୍ର ସାହୁ, ଶ୍ରୀନିବାସ ମିଶ୍ର ଓ ପୁଷ୍ପଲତା ସାହୁ ପ୍ରମୁଖ ଉପସ୍ଥିତ ରହି ନବ ନିଯୁକ୍ତ ଶ୍ରୀ ପରିଡ଼ାଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବତନ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୋନ୍ ଅନ୍ତର୍ଗତ ସମସ୍ତ ପଞ୍ଚାୟତ ଶକ୍ତି କେନ୍ଦ୍ର ପ୍ରମୁଖ, ବୁଥ୍ ସଭାପତି, ମଣ୍ଡଳ କାର୍ଯ୍ୟକାରିଣୀ ସଦସ୍ୟ ସଦସ୍ୟା ପ୍ରମୁଖ ଉପସ୍ଥିତ ରହିଥଲେ। ଶେଷରେ ମଣ୍ଡଳର ସାଧାରଣ ସମ୍ପାଦକ ପ୍ରଦୀପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



